RNI No.ODIODI/2010/33031
୧୫ ବର୍ଷ Volume-15
ISSUE-281 ସଂଖ୍ୟା-୨୮୧
ଭୁବନେଶ୍ୱର, ବୁଧବାର ୨୨, ଜାନୁଆରୀ, ୨୦୨୫
Bhubaneswar, Wednesday 22, January, 2025
୦୮ ପୃଷ୍ଠା Pages-08 ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

# ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ
ଦୈନିକ ସମ୍ବାଦପତ୍ର





# ବିଶ୍ୱର ଦ୍ୱିତୀୟ ଆଇଟି ସେବା ବ୍ରାଣ୍ଡ୍ ଭାବେ ଟିସିଏସ୍‌ର ବ୍ରାଣ୍ଡ୍ ମୂଲ୍ୟ ୨୦ ବିଲିଅନ୍ ଡଲାର ମାଇଲଖୁଣ୍ଟ ଟପିଲା

ଭୁବନେଶ୍ୱର,୨୧।୧:ବିଶ୍ୱସ୍ତରୀୟ ଅଗ୍ରଣୀ ଆଇଟି କମ୍ପାନି ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍‌ର (ଟିସିଏସ୍) ବ୍ରାଣ୍ଡ୍ ମୂଲ୍ୟ ଦ୍ୱିତୀୟ ବିଶ୍ୱସ୍ତରୀୟ ଆଇଟି ସେବା କମ୍ପାନି ଭାବେ ୨୧.୩ ବିଲିଅନ୍ ଡଲାର ମାଇଲଖୁଂଟ ଅତିକ୍ରମ କରିଛି। ଗତ ୧୫ ବର୍ଷ ମଧ୍ୟରେ କମ୍ପାନିର ବ୍ରାଣ୍ଡ୍ ମୂଲ୍ୟ ୮୨୬ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୦ରେ ତାହାର ବ୍ରାଣ୍ଡ୍ ମୂଲ୍ୟ ୨.୩ ବିଲିଅନ୍ ଡଲାର ଥିଲା।

ବ୍ରାଣ୍ଡ୍ ଫାଇନାନ୍ସର ସିଇଓ ତଥା ଅଧ୍ୟକ୍ଷ ଡେଭିଡ୍ ହେଗ୍ କହିଛନ୍ତି ଯେ, 'ବ୍ରାଣ୍ଡ୍ ଫାଇନାନ୍ସରେ ଆମେ ପ୍ରାୟ ଦୁଇ ଦଶନ୍ଧି ଧରି ଟିସିଏସ୍ ଉପରେ ନଜର ରଖୁଛୁ ଏବଂ କଂପାନି କିପରି ଏହାର ବ୍ୟବସାୟରେ ନୂତନତା ଆଣିଥାଏ ଏବଂ ବିଶ୍ୱସ୍ତରରେ ଏହାର ବ୍ରାଣ୍ଡକୁ ଉପସ୍ଥାପିତ କରୁଛି ତାହା ଦେଖି ମୁଁ କ୍ରମାଗତ ଭାବରେ ପ୍ରଭାବିତ ହେଉଛି। ସେମାନଙ୍କର ନିରନ୍ତର ପ୍ରୟାସ ସେମାନଙ୍କୁ ଏକ ମାଇଲଖୁଂଟ ବର୍ଷରେ ପହଂଚାଇଛି ଯେଉଁଠାରେ ସେମାନେ ବ୍ରାଣ୍ଡ ମୂଲ୍ୟରେ ୨୦ ବିଲିୟନ ସଂଖ୍ୟା ଅତିକ୍ରମ କରିବାରେ ଶିଳ୍ପର ଦ୍ୱିତୀୟ କମ୍ପାନି ହୋଇଛନ୍ତି। ସମସ୍ତ ୬୦୦,୦୦୦ ଟିସିଏସ କର୍ମଚାରୀଙ୍କୁ ଅଭିନନ୍ଦନ ଯେଉଁମାନେ ଗର୍ବର ସହ ସେମାନଙ୍କ ବ୍ରାଣ୍ଡକୁ ଆଗକୁ ବଢ଼ାଇଛନ୍ତି।''ଜଟିଳ ଆହ୍ୱାନର ମୁକାବିଲା କରୁଥିବା ଉନ୍ନତ ଜ୍ଞାନକୌଶଳ ସମାଧାନ ପ୍ରଦାନ କରି ଟିସିଏସ୍ କ୍ରମାଗତ ଭାବରେ ନିଜକୁ ବିଶ୍ୱସ୍ତରୀୟ ନିଗମଗୁଡିକ ପାଇଁ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ପ୍ରମାଣିତ କରିଛି । ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ)ରେ ଏହାର ନେତୃତ୍ୱ ଦ୍ୱାରା ଉଦ୍ଭାବନ ପ୍ରତି ଟିସିଏସର ପ୍ରତିବଦ୍ଧତା ଦୃଢ଼ ହୋଇଛି। ଟିସିଏସ୍ ଏହାର ଏଆଇ-ପରିଚାଳିତ ସମାଧାନଗୁଡ଼ିକ କେବଳ ପରିଚାଳନାରେ ଉନ୍ନତି ଆଣେନାହିଁ ଏବଂ ଗ୍ରାହକଙ୍କ ଅଭିଜ୍ଞତାକୁ ବଢ଼ାଇଥାଏ ବରଂ ନୈତିକ ଏବଂ ଦୀର୍ଘମିଆଦୀ ପ୍ରଭାବକୁ ମଧ ପ୍ରାଥମିକତା ଦେଇଥାଏ। ଅଭିନବତା ସହିତ, ଗ୍ରାହକଙ୍କ ସନ୍ତୋଷ ଟିସିଏସର ସଫଳତାର ଏକ ମୂଳଦୁଆ ହୋଇ ରହିଛି। ୨୦୨୪ ରେ, ହ୍ୱାଇଟ୍ଲେନ୍ ରିସର୍ଚ୍ଚ ଦ୍ୱାରା ୟୁରୋପରେ ଗ୍ରାହକଙ୍କ ସଂେଷ ପାଇଁ ଟିସିଏସକୁ ୧ ନମ୍ବର ଆଇଟି ସେବା ପ୍ରଦାନକାରୀ ଭାବରେ ମାନ୍ୟତା ଦିଆଯାଇଥିଲା ଯାହା ଏହାର ଗ୍ରାହକ କେନ୍ଦ୍ରୀକରଣ ଏବଂ କାର୍ଯ୍ୟକାରିତା ଉତ୍କର୍ଷତା ପାଇଁ ଏକ ସ୍ୱୀକୃତି ଥିଲା । ଏହାର ଗ୍ରାହକମାନଙ୍କ ପ୍ରତି ଟିସିଏସର ପ୍ରତିବଦ୍ଧତା ସ୍ଥାୟିତ୍ୱ ପ୍ରତି ଏହାର ସମର୍ପଣ ସହିତ ସମାନ ଭାବରେ ମେଳ ଖାଉଛି। କାରଖାନା ଏବଂ ବାଣିଜ୍ୟିକ ସ୍ଥାନଗୁଡିକର କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ଡିଜିଟାଲ ଟ୍ୱିନ୍ ଟେକ୍ନୋଲୋଜିର ବ୍ୟବହାରଠାରୁ ଆରମ୍ଭ କରି ବିଶ୍ୱର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ବିମାନ ଇଂଜିନ ବିକଶିତ କରିବା ପାଇଁ ରୋଲ୍ସ ରଏସ୍ ସହ ସହଯୋଗ କରିବା ପର୍ଯ୍ୟନ୍ତ, ଟିସିଏସ୍ ସ୍ଥାୟିତ୍ୱରେ ଅଭିନବତାକୁ ପ୍ରୋତ୍ସାହିତ କରୁଛି।ଟାଟା କନସଲଟାନ୍ସି ସର୍ଭିସେସର ମୁଖ୍ୟ ମାର୍କେଟିଂ ଅଫିସର ଅଭିନବ କୁମାର କହିଛନ୍ତି ଯେ, 'ଆମେ ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମ ସହିତ ୨୦୨୫ରେ ଏକ ନୂତନ ବର୍ଷ ଆରମ୍ଭ କରୁଛୁ। ଆମେ ଆମବ୍ରାଣ୍ଡକୁ ଏହି ପ୍ରମୁଖ ଐତିହାସିକ ସୀମା ଅତିକ୍ରମ କରିବା ଏବଂ ଆମ ଶିଳ୍ପରେ ଏହାର ସ୍ଥାନ ସୁଦୃଢ଼ କରିବା ଦେଖି ଆନନ୍ଦିତ । ଆମେ ୧୫ ବର୍ଷ ଧରି ଡବ୍ଲ୍ୟୁଇଏଫର ଏକ ରଣନୈତିକ ଅଂଶୀଦାର ରହିଛୁ ଏବଂ ଏହି ସମୟ ମଧ୍ୟରେ ଆମର ବ୍ରାଣ୍ଡ ମୂଲ୍ୟରେ ପାଖାପାଖି ନଅ ଗୁଣ ବୃଦ୍ଧି ପାଇଛି ଏବଂ ଅଭିନବତା, ବିଶ୍ୱର ସବୁଠାରୁ ଜଟିଳ ଟେକ୍ନୋଲୋଜି କାର୍ଯ୍ୟ ପ୍ରଦାନ କରିବାର ଦକ୍ଷତା ଏବଂ ଆମଗ୍ରାହକଙ୍କ ସହିତ ମୂଲ୍ୟର ଦୀର୍ଘମିଆଦୀ ଭାଗିଦାରୀ ସୃଷ୍ଟି କରିବାରେ ନେତୃତ୍ୱ ନେବା ପାଇଁ ବିଶ୍ୱସ୍ତରରେ ଜଣାଶୁଣା। ପ୍ରତି ସେକେଣ୍ଡରେ ଏହି ମହାନ ବ୍ରାଣ୍ଡକୁ ଗର୍ବର ସହ ନିର୍ମାଣ କରିଥିବା ଲକ୍ଷ ଲକ୍ଷ ଟିସିଏସରଙ୍କୁ ମୋର ଧନ୍ୟବାଦ ।

# ବଲାଙ୍ଗିର ଲୋକ ଉତ୍ସବରେ ବହୁଭାଷୀ କବିତା ପାଠୋତ୍ସବ



ବଲାଙ୍ଗିର,୨୧।୧:ଲୋକ ଉତ୍ସବ ଅବସରରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କୋଶଳ କଳାମଣ୍ଡଳ ପୁରୁଣା ମଂଚ ରେ ସର୍ବ ପ୍ରଥମେ ମାଁ ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ଉଦ୍‌ଘାଟିତ ହୋଇଥିଲା । ସହ ଅଧକ୍ଷ ରସରାଜ ଅଚ୍ୟୁତ ପୁରୋହିତ ଙ୍କ ଅଧକ୍ଷତା ରେ ଆୟୋଜିତ ଷଭା କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି ଉଦ୍‌ଘାଟନ କରିଥିଲେ, ସଂମ୍ମାନ କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ନାୟକ, ମୁଖ୍ୟବକ୍ତା ସନାତନ ଠାକୁର, ସମ୍ମାନିତ ଅତିଥି ଜୟ କୁମାର ଆଚାର୍ଯ୍ୟ, ଅତିଥି କବି ଜ୍ୟୋର୍ତିମୟୀ ସାହୁ, କବୟିତ୍ରୀ ସଂଗୀତା ଦାଶ ମଂଚାସିନ ଥିଲେ । ଜୟକୁମାର ଆଚାର୍ଯ୍ୟ ଅତିଥି ଙ୍କୁ ପରିଚୟ ସହ ସ୍ୱାଗତ କଲା ପରେ ସଭା କାର୍ଯ୍ୟ କବୟିତ୍ରୀ ସଂଗୀତା ଦାଶ ସଂଯୋଜନା କରିଥିଲେ । ଏହି ପାଠୋତ୍ସବରେ ମାନପତ୍ର ପଠନ କରିଥିଲେ ମଧୁ ସୁଦନ ନାୟକ ଏବଂ ବିଶିଷ୍ଟ କବି ତଥା ଲେଖକ ପ୍ରହଲ୍ଲାଦ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବିତା ଆସରରେ ଗାଁ ରୁ ସହର ପର୍ଯ୍ୟନ୍ତ କବିମାନେ ବିଭିନ୍ନ ଦିଗକୁ ନେଇ ବହୁ ଭାଷିୟ କବିତା ପାଠ କରିଥିଲେ ଯ କବି ଓ ଦର୍ଶକ ଙ୍କ ମନ ବେଶ ଛୁଇଁଥିଲା । ଏହି ଅବସରରେ ଡ. ଘାସିରାମ ମିଶ୍ର, ଜଗଦାନନ୍ଦ ଛୁରିଆ, କସ୍ତୁରୀ ରଥ, ସଂଜୟ ମିଶ୍ର, ପୁରୁଷୋତ୍ତମ ମିଶ୍ର, ଦିଲିପ ମିଶ୍ର, କଣ୍ଟାବାଞ୍ଜି କଲେଜର ପିଜି ଛାତ୍ର ଛାତ୍ରୀ ଓ ଶତାଧିକ କବି କବିୟତ୍ରୀ ଅଂଶଗ୍ରହଣ କରିଥିଲେ ଯ କଳା ସଂଗଠକ ଜୟକୃଷ୍ଣ ମିଶ୍ର, ପୁର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ ମେହେର, ପ୍ରଭାକର ମିଶ୍ର, କପିଳେଶ୍ୱର ଖମାରୀ, ଡା. ଲଳିତ କୁମାର ସାହୁ, ପୁର୍ବତନ ବ୍ଲକ ଅଧକ୍ଷ ଗୁଲାପ ବାଗ, ଦିଗାମ୍ବର ନାଏକ, ଟାଉନ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର, ଚିତ୍ରଶିଳ୍ପୀ ନିଗମ ନାଥ ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡା ଦେବେନ୍ଦ୍ର ପ୍ରଧାନ ଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କଲେ ସାଂସଦ ରୁଦ୍ର ନାରାୟଣ ପାଣି



ଅନୁଗୁଳ, ୨୧।୧:ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ନୂଆଁଦିଲ୍ଲୀ ଠାରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ରାଜ୍ୟ ବିଜେପି ସଭାପତି ଡାକ୍ତର ଦେବେନ୍ଦ୍ର ପ୍ରଧାନ ଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି । ମଙ୍ଗଳବାର ସାଂସଦ ଶ୍ରୀ ପାଣି ଡା ପ୍ରଧାନ ଙ୍କୁ ଭେଟିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଓଡିଶା ବିଜେପି ର ପ୍ରାଣ ପ୍ରତିଷ୍ଠାତା ତଥା ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା ଙ୍କର ମାର୍ଗ ଦର୍ଶକ ଡା ପ୍ରଧାନ ଅଟଳବିହାରୀ ବାଜପେୟୀ ଙ୍କ ସରକାର ରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଭାବେ କାର୍ଯ୍ୟକରି ଓଡିଶା ର ଜାତୀୟ ରାଜପଥ କୁ ଦୁଇ ଗୁଣିତ କରିଥିଲେ । ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡା ପ୍ରଧାନ ଙ୍କର ଧର୍ମପତ୍ନୀ ବସନ୍ତ ମଞ୍ଜରୀ ପ୍ରଧାନ ଉପସ୍ଥିତ ଥିଲେ । ସାଂସଦ ଙ୍କ ସହ ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଉପସ୍ଥିତ ଥିଲେ ।

## ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ

ବୁଗୁଡା,୨୧।୧: ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ କ୍ରୀଡା ଉତ୍ସବ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ,ସମ୍ମାନିତ ଅତିଥି ଭାବେ ସିଆରସିସି କିରଣ ବାଳା ତ୍ରିପାଠୀ ଯୋଗ ଦେଇ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିବା ସହ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିଥିଲେ । ସ୍ଥାନୀୟ ବଳଦେବ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ସାମୁହିକ ଶପଥ ପାଠ କରାଯାଇଥିଲା ।ତତ୍ପରେ ଦୌଡ଼ , ଲଙ୍ଗଜମ୍ପ୍ , ସଟପୁଟ୍ ଥ୍ରୋ , ଡିସକସ୍ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମୀୟ ରଞ୍ଜନ ଭୂୟାଁ ଓ ପିପୁଲ୍ସ ହାଇସ୍କୁଲର କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିଲା ବେଳେ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଏଥିରେ ସହଯୋଗ କରିଥିଲେ । ଉକ୍ତ କ୍ରୀଡା ଉତ୍ସବ ସ୍କୁଲ ସ୍କାଉଟ୍ ଗ୍ରୁପର ସହାୟତାରେ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଥିବା ବେଳେ ଛାତ୍ରୀଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପୋଲିସର ସହଯୋଗ ଦେଖିବାକୁ ମିଳିଥିଲା ।

# ଘରମଲ୍ଲିକ ଅଞ୍ଚଳରେ ନୂତନ ବ୍ଲକ ଗଠନ ନେଇ ତୃତୀୟ ବୈଠକ



ଅନୁଗୁଳ,୨୧।୧:ସରକାରଙ୍କର ନୂତନ ବ୍ଲକ ଗଠନ ନେଇ ଏକ ପ୍ରକାର ପ୍ରସ୍ତୁତି ହୋଇଥିବାବେଳେ ଘରମଲ୍ଲିକ ଅଞ୍ଚଳର ଗ୍ରାମବାସୀ ନୂତନ ବ୍ଲକ ଗଠନ ଘରମଲ୍ଲିକ ଗଠନ ନେଇ ତୁହାକୁ ତୁହା ଆଲୋଚନା କରୁଥିବା ଜଣାଯାଇଛି । ଗତ ରବିବାର ଟାଇଁସି ସୀତାରାମ ମଠ ଠାରେ ଅଞ୍ଚଳବାସୀଙ୍କ ପକ୍ଷରୁ ତୃତୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ପୂର୍ବତନ ସରପଞ୍ଚ ଗଣେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଟାଇଁସି, କୋଠଭୂଇଁ, ଅନ୍ତୁଲିଆ, ପାଇକସାହି, ଟାପଡୋଲ, ସାପଘରା, ପୁରୁଣାକୋଟ ପଞ୍ଚାୟତର ବୁଦ୍ଧିଜୀବି ମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ । ପ୍ରାରମ୍ଭରେ ଆଇନଜୀବି ପ୍ରସନ୍ନ କୁମାର ବେହେରା, ଅନିଲ କୁମାର ପ୍ରଧାନ ଘରମଲ୍ଲିକ ଅଞ୍ଚଳରେ ନୂତନ ବ୍ଲକ ହେବା ଯଥାର୍ଥ ସ୍ଥାନ ଏବଂ ଏହାର ଭୈଗଳିକ ପରିସ୍ଥିତି, ଜଙ୍ଗଲ ଆଦିବାସୀ ଅଞ୍ଚଳ, ଅଞ୍ଚଳଟି ଜାତୀୟ ଓ ରାଜ୍ୟରାଜପଥକୁ ଅତିକ୍ରମ କରୁନଥିବା ଦୃଷ୍ଟିରୁ ସରକାରଙ୍କର ସମସ୍ତ ଗାଇଡଲାଇନ୍ ସହିତ ତାଳମେଳ ଥିବା ଆଲୋଚନାରେ ପ୍ରକାଶ କରିଥିଲେ । ସରକାରୀ ସ୍ତରରେ ବ୍ଲକକୁ ଏକ ୟୁନିଟ୍ ଭାବରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ନୂତନ ବ୍ଲକ ଗଠନ ହେଲେ ଏହି ଅଞ୍ଚଳର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ, ଗମନାଗମନ, ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ବିକାଶ ସମ୍ଭବ ହେବ ଯ ଏତ୍ ସହିତ ସାତକୋଶିଆର ମୁଖ ଦ୍ୱାରରେ ଏହି ଅଞ୍ଚଳର ଅବସ୍ଥିତି ଥିବାରୁ ଆଗାମୀ ଦିନରେ ଇକୋ ଟ୍ୟୁରିଜିମ୍ କ୍ଷେତ୍ରରେ ଏହି ଅଞ୍ଚଳର ଗୁରୁତ୍ୱ ବଢିବାର ସମ୍ଭାବନା ରହିଅଛି ।ସମସ୍ତ ଦୃଷ୍ଟିକୋଣରୁ ଘରମଲ୍ଲିକ ଅଞ୍ଚଳରେ ନୂତନ ବ୍ଲକ ଗଠନ ହେବା ଯଥାର୍ଥ ବୋଲି ବିସ୍ତୃତ ଆଲୋଚନା ହୋଇଥିଲା । ଏପରିକି ଟାଇଁସି, ଅନ୍ତୁଲିଆ ଓ ପାଇକସାହି ପଞ୍ଚାୟତର ଭୋଟର ଓ ଜନସଂଖ୍ୟା ବୃଦ୍ଧି ପାଇଥିବାରୁ ପଞ୍ଚାୟତ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଆଲୋଚନା ହୋଇଥିଲା । ଘରମଲ୍ଲିକ ଅଞ୍ଚଳ ଏବଂ ଏହାର ସୀମାରେ ଆଖପାଖ ୧୩ ଗୋଟି ପଞ୍ଚାୟତ ରହିଥିବା ଏବଂ ନୂତନ ୩ ଗୋଟି ପଞ୍ଚାୟତକୁ ନେଇ ବ୍ଲକ ଗଠନ ହେବା ଉପଯୁକ୍ତ ସ୍ଥାନ ଏହା ସରକାରଙ୍କର ବ୍ୟବସ୍ଥାରେ ଯଥାର୍ଥ ବୋଲି ସମସ୍ତଙ୍କୁ ମନଛୁଆଁ ହୋଇଥିଲା । ଘରମଲ୍ଲିକ ଅଂଚଳ ବ୍ୟତୀ ଅନ୍ୟ କୌଣସି ଅଂଚଳ ସହିତ ନୂତନ ବ୍ଲକ ଗଠନରେ ସାମିଲ ହେବେ ନାହିଁ ବୋଲି ଆଲୋଚନା କରାଯାଇଥିଲା । ଆସନ୍ତା ଫେବୃୟାରୀ ୧ ତାରିଖରେ ଘରମଲ୍ଲିକ ଅଂଚଳରେ ନୂତନ ବ୍ଲକ ଗଠନ ନେଇ ଚତୁର୍ଥ ଆଲୋଚନା ପାଇଁ ସ୍ଥିର କରାଯାଇଥିଲା । ବ୍ଲକ ଗଠନ ନେଇ ଏକ ଆବାହକ ମଣ୍ଡଳୀରେ ସମସ୍ତ ସରପଂଚ, ସମିତିସଭ୍ୟଙ୍କୁ ମନୋନୀତ କରାଯାଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, ପୂର୍ବତନ ଅନୁଗୋଳ ବ୍ଲକ ଅଧ୍ୟକ୍ଷ କୈଳାସଚନ୍ଦ୍ର ସାହୁ, ସମାଜସେବୀ ସୁଶୀଲ୍ କୁମାର ପ୍ରଧାନ, ଆଇନଜୀବି ଅନିଲ କୁମାର ପ୍ରଧାନ, ପ୍ରସନ୍ନ କୁମାର ବେହେରା, ଅନନ୍ତ ବାସୁଦେବ ମହାନ୍ତିଙ୍କୁ ଗୁରୁ ଦାୟିତ୍ୱ ଦିଆଯାଇଥିଲା ଯ ଘରମଲ୍ଲିକ ଅଂଚଳରେ ନୂତନ ବ୍ଲକ ଗଠନ ହେବା ପର୍ଯ୍ୟନ୍ତ ଅଂଚଳବାସୀଂଙ୍କ ଦାବୀ ରହିବ ବୋଲି ଆଲୋଚନା ହେଲା ଯ ସରକାରୀ ଭାବେ ଯେଉଁଠି ନିଷ୍ପତ୍ତି ହେବ, ଏହି ଅଂଚଳରେ ବ୍ଲକ ଗଠନକୁ ସମସ୍ତେ ସମର୍ଥନ ଦେବେ ବୋଲି ମତପୋଷଣ କରାଯାଇଥିଲା । ଏହି ସଭାରେ ସାପଘରା ସରପଂଚ କୈଳାସ ସାହୁ, ପାଇକସାହି ସରପଂଚ ନୀରୋଦ ସାହୁ ସମେତ ପ୍ରଦୀପ୍ ପ୍ରଧାନ, ଦୀପୁ ପ୍ରଧାନ, ସୌର ଚନ୍ଦ୍ର ସାହୁ, ରାଜେନ୍ଦ୍ର ପ୍ରଧାନ, ଭରତ ସାହୁ, ହରିହର ପ୍ରଧାନ, ଉମେଶ ଦେହୁରୀ, ପ୍ରମୋଦ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ସହଯୋଗ - ଓଡିଶା ପକ୍ଷରୁଅଧୀରମୋହନ ଜେନାଙ୍କ ସ୍ମୃତି ଚାରଣ ସଭା

ଫୁଲନଖରା,୨୧।୧:କଟକ ସଦର ଥାନା ଅନ୍ତର୍ଗତ ଉଷୁମା ଗ୍ରାମପଞ୍ଚାୟତସ୍ଥିତ ଦକ୍ଷିଣ ଉଷୁମା ଗ୍ରାମର ଅଧୀର ମୋହନ ଜେନାଙ୍କ ଏକଦଶାହ ଅବସରରେ ପୂଜ୍ୟ ପୂଜା ସାଂସ୍କୃତିକ ସଂଗଠନ ସହଯୋଗ- ଓଡିଶା ପକ୍ଷରୁ ସୁରେନ୍ଦ୍ର ନାଥ ଛୋଟରାୟ ଅଦକ୍ଷତାରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭା ଆରମ୍ଭରେ ବରିଷ୍ଠ ସାମ୍ବାଦିକ ତଥା ସହଯୋଗ - ଓଡ଼ିଶାର ସାଧାରଣ ସମ୍ପାଦକ ଲଳିତ କୁମାର ଦାଶ ସହଯୋଗ ଓଡିଶା ବିଷୟରେ ସାମୟିକ ସୂଚନା ଦେଇ ସ୍ୱର୍ଗତ ଅଧୀର ମୋହନ ଜେନାଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ସଭାରେ ଏୟାରଫୋର୍ସର ପୂର୍ବତନ ସେନା ଅଧିକାରୀ ପରେଶ ଚନ୍ଦ୍ର ମଙ୍ଗରାଜ, ସଦାଶିବ ସିଂ, ସୁରେନ୍ଦ୍ର କୁମାର ମହାନ୍ତି, ସାମ୍ବାଦିକ ସନାତନ ପରିଜା, ଭବାନୀ ଶଙ୍କର ପାତ୍ର, ଧୀରେନ୍ଦ୍ର ସାହୁ, ବାସୁଦେବ ଦାଶ, ହୃଦାନନ୍ଦ ନାୟକ, ଶିଶିର ଦାଶ,ସୁଧାନନ୍ଦ ଇଂ କଲେଜର ଚେୟାରମ୍ୟାନ ସୁନୀଲ କୁମାର ପଟ୍ଟନାୟକ, ଡିରେକ୍ଟର ସାହୁ ପ୍ରମୁଖ ସ୍ୱର୍ଗତ ଅଧୀର ମୋହନ ଜେନାଙ୍କର ଏୟାରଫୋର୍ସ ନାଲକୋ ଚାକିରୀ ଅରଡିଆପଦା ଗ୍ରାମଠାରେ ସାଇ ମନ୍ଦିର ଓ ଅସହାୟ ବୁଢ଼ାବୁଢ଼ୀଙ୍କୁ ଆଶ୍ରୟ ଦେବା ସକାଶେ ନିର୍ମାଣ କରୁଥିବା ବୃଦ୍ଧାଶ୍ରମ ଉନ୍ନତିମୂଳକ କାର୍ଯ୍ୟ ଉପରେ ସମସ୍ତେ ମତବ୍ୟକ୍ତ କରିଥିଲେ । ସଭା ଆରମ୍ଭରେ ସ୍ୱର୍ଗତ ଜେନାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା ।

# ଆଦିବାସୀ ମେଳା ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ଦୁର୍ଦ୍ଦଶା

**ଭୁବନେଶ୍ୱର,୨୧।୧:**ଖାରବେଳ ନଗରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଜାନୁଆରୀ ୫ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆଦିବାସୀ ମେଳା ଅନୁଷ୍ଠିତ ହୋଇଯାଇଛି। ୧୨ ଦିନ ବ୍ୟାପୀ ଅନୁଷ୍ଠିତ ଏହି ମେଳାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବିକ୍ରେତା, ଦର୍ଶକ ଓ କ୍ରେତାଙ୍କ ବିପୁଳ ସମାଗମ ହୋଇଥିଲା। ଦିନ ୨ ଘଟିକାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଦର୍ଶକ ଭିଡ଼ ଜମାଇଥିଲେ। ବିଶେଷକରି ଶନିବାର ଓ ରବିବାର ଦିନ ଜନସଂଖ୍ୟା ଦ୍ୱିଗୁଣିତ ହୋଇଯାଉଥିଲା। ଭିଡ଼ ପରିଚାଳନା ପାଇଁ ନିୟୋଜିତ ସ୍ୱଳ୍ପ ସଂଖ୍ୟକ ଟ୍ରାଫିକ୍ ପୋଲିସ୍ ଏବଂ ବିଡ଼ିଏର ଏଫର୍ସମେଣ୍ଟ କର୍ମଚାରୀ ଭିଡ଼ ପରିଚାଳନାରେ ବ୍ୟର୍ଥ ହୋଇଥିଲେ। ବୁଦ୍ଧ ମନ୍ଦିରଠାରୁ କେଶରୀ ସିନେମା ହଲ୍ ପର୍ଯ୍ୟନ୍ତ ଥିବା ଏସ୍‌ସିଆର ପ୍ଲଟର ବାସିନ୍ଦା ତଥା ପ୍ରଦର୍ଶନୀ ପଡ଼ିଆ ସନ୍ନିକଟ ବାସିନ୍ଦାମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଘର ସମ୍ମୁଖରେ ଦୁଇ ଚକିଆ, ଚାରି ଚକିଆ ଯାନର ବେଆଇନ ପାର୍କିଂ ଯୋଗୁ ଘରୁ ବାହାରିବା ଏବଂ ପଶିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉଠାଦୋକାନୀମାନେ ଘର ସାମ୍ନାରେ ପସରା ମେଲାଇବା ଦ୍ୱାରା ଏବଂ କ୍ରେତାମାନେ ଭିଡ଼ ଜମାଇବା ଦ୍ୱାରା ତଥା ପୋଲିସ୍‌ର ବ୍ୟାରିକେଡ଼ ଯୋଗୁ ସ୍ଥାୟୀ ବାସିନ୍ଦାମାନେ ଯିବା ଆସିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶୌଚାଳୟ ବ୍ୟବସ୍ଥା ନଥିବାରୁ ଦର୍ଶକମାନେ ଗୃହ ସାମ୍ନାରେ ପରିଶ୍ରା କରୁଥିବାର ଦେଖାଯାଉଥିଲା। ଏଣୁ ସରକାରଙ୍କୁ ବିନୀତ ଅନୁରୋଧ, ଆଦିବାସୀ ମେଳା ଭଳି ବଡ଼ ବଡ଼ ପ୍ରଦର୍ଶନୀ ଆରମ୍ଭ କରିବା ପୂର୍ବରୁ ଏସବୁ ଦିଗକୁ ଦୃଷ୍ଟି ଦେଇ ଏହାର ପୂର୍ବ ପ୍ରତିକାର କଲେ ସ୍ଥାନୀୟ ବାସିନ୍ଦାମାନେ ଉପକୃତ ହେବେ।

## ଅଶୁର୍ଲା-ଖଇରଭାଡ଼ି ଅର୍ଜୁନି ନଦୀରେ ବ୍ରିଜ ନିର୍ମାଣ ଦାବି ରେ ଅଧିକ୍ଷଣ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

ବଙ୍ଗୋମୁଣ୍ଡା,୨୧।୧: ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ପଂଚାୟତ ଅନ୍ତର୍ଗତ ଅଶୁର୍ଲା ଗ୍ରାମରୁ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକୁଲା ପଞ୍ଚାୟତ ର ଖଇରଭାଡ଼ି କୁ ସଂଯୋଗ କରିଥିବା ଅର୍ଜୁନି ନଦୀରେ ବ୍ରିଜ ନିର୍ମାଣ ପାଇଁ ଟିଟିଲାଗଡ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ର ଦ୍ୱାରସ୍ଥ ହୋଇଛନ୍ତି ପଞ୍ଚାୟତବାସୀ । ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀ ନିର୍ମାଣ ପାଇଁ ମାଟି ପରୀକ୍ଷା କରାଯାଇଥିଲା ହେଲେ ଆଜି ପର୍ଯ୍ୟନ୍ତ ୨ ବର୍ଷ ବିତିଯାଇଥିଲେ ମଧ ନିର୍ମାଣ କାମ ଆରମ୍ଭ ହୋଇନଥିବାରୁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭିନ୍ନ ସମୟ ରେ ନିର୍ବାଚିତ ଜନପ୍ରତିନିଧି ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ । ଗତ ୨୦୧୨ ମସିହା ଠାରୁ ଦାବି କରାଯାଇଥିଲେ ମଧ କେହି ଧ୍ୟାନ ଦେଇନଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ ପାଇଛି । ପଡୋଶୀ ତୁକୁଲା ସ୍କୁଲ କଲେଜ ଉପରେ ନିର୍ଭର କରୁଥିବା ବେଳେ ବର୍ଷା ମାସ ରେ ସ୍କୁଲ ବନ୍ଦ ହୋଇଯାଏ ।୨ କିମି ଦୂର ଜାଗା କୁ ୨୦ କିମି ବୁଲି ଗନ୍ତବ୍ୟ ସ୍ଥାନ କୁ ପହଞ୍ଚିବା ପାଇଁ ସମସ୍ୟା ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଅଶୁର୍ଲା-ଖଇରଭାଡ଼ି ଅର୍ଜୁନି ନଦୀରେ ବ୍ରିଜ ନିର୍ମାଣ ପାଇଁ ମାଁ ସାହାଜି ଯୁବକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ ଙ୍କ ନେତୃତ୍ୱରେ ସମାଜ ସେବୀ ଦୁର୍ଦ୍ଦକ୍ଷ ହଂସ,ସମିତି ସଭ୍ୟ କେଦାର ଭୋଇ,ଆଇନଜୀବି ବେଦାନ୍ତ ସାହୁ, ଧର୍ମେନ୍ଦ୍ର ଦାସ ପ୍ରମୁଖ ଟିଟିଲାଗଡ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳ ବାସୀ ମାନେ ଚେତାବନୀ ଦେଇଛନ୍ତି ।

# ବୈଷୟିକ ଏବଂ ଗୁଣାତ୍ମକ ଶିକ୍ଷା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ କେଉଁ ଦକ୍ଷତା ରହିଛି ତାହା ଖୋଜି ବାହାର କରିବା ଆବଶ୍ୟକ - ଡ଼.ସୁକୁମାର

ବ୍ରହ୍ମପୁର, ୨୧।୧:ନିଷ୍ଟ୍ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବ ସୋମବାର ଗୋଳନ୍ଥରା ସ୍ଥିତ ବିଶ୍ୱବିଦ୍ୟାଳୟର ପରିସରରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ମୁଖ୍ୟ ଡ଼.ସୁକାନ୍ତ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଧାନବାଦର ନିର୍ଦ୍ଦେଶକ ଡ଼.ସୁକୁମାର ମିଶ୍ର ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଆଇଜର ବ୍ରହ୍ମପୁରର ନିର୍ଦ୍ଦେଶକ ଡ଼.ଅଶୋକ ଗାଙ୍ଗୁଲି, ଆର୍ମି ଆଡ଼ ଡିଫେନ୍ସ କଲେଜର ବ୍ରିଗେଡିଏର ଜଗଦୀପ ଚୌହାନ, ମୁଖ୍ୟବକ୍ତା ଭାବେ ଏସର ଷ୍ଟିଲର ସିଇଓ ଶ୍ରୀ ଶଶୀ ଶେଖର ମହାନ୍ତି, ବିଶ୍ୱବିଦ୍ୟଳୟର କୁଳପତି ଡ଼.ପ୍ରିୟଦର୍ଶନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଜୟ ଯବାନ ଜୟ କିସାନ ଜୟ ବିଜ୍ଞାନ ଜୟ ଅନୁସନ୍ଧାନ ଉପରେ ମନ୍ତବ୍ୟ ଦେଇଥିଲେ । ସେହିପରି ବୈଷୟିକ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବିଶ୍ୱବିଦ୍ୟାଳୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏଠାକାର ବିଦ୍ୟାର୍ଥୀଙ୍କ ପାଖରେ କେଉଁ ଦକ୍ଷତା ରହିଛି ତାହା ଖୋଜି ବାହାର କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଡ଼. ମିଶ୍ର କହିଥିଲେ । ଆଗାମୀ ଦିନରେ ଦେଶର ଏକ ନମ୍ବର ଗବେଷଣାତ୍ମକ ବିଶ୍ ବିଦ୍ୟାଳୟ ଭାବେ ପରିଚିତ କରାଇବା ଲକ୍ଷ୍ୟ ରଖିଥିବା ପ୍ରତିଷ୍ଠାତା ଶ୍ରୀ ମହାପାତ୍ର କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟଳୟର କୁଳପତି ଛାତ୍ରଛାତ୍ରୀ ମାନଙ୍କ ଉଜ୍ୱଳ ଭବିଷ୍ୟତର କାମନା କରିବା ସହିତ ଦୀର୍ଘ ବର୍ଷ ଧରି ନିଷ୍ଟ ବୈଷୟିକ ବିଶ୍ୱବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ମାନେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଷ୍ଟର




ନାମକୁ ଶୀର୍ଷରେ ପହଞ୍ଚାଇ ପାରିଛନ୍ତି ଏବଂ ଆଗାମୀ ଦିନରେ ଏହି ଧାରାକୁ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀ ମାନେ ସର୍ବଦା ଚେଷ୍ଟିତ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱଚ୍ଛଶକ୍ତି ବ୍ୟବହାର କରି ଭାରତକୁ ଷ୍ଟିଲ ଉତ୍ପାଦନରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ପଂହଁଚାଇବା ପାଇଁ ଆଗାମୀ ପିଢ଼ିଙ୍କୁ ମୁଖ୍ୟବକ୍ତା ଉପଦେଶ ଦେଇଥିଲେ । ଜଗଦୀପ ଚୌହାନ ଏହି ବିଶ୍ୱ ବିଦ୍ୟାଳୟର ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ମାନେ ବି.ଟେକ୍ ଡିଗ୍ରୀ ଶେଷ କରିବା ପରେ ପ୍ରତିରକ୍ଷା ସେବାରେ ଯୋଗ ଦେଇପାରିବେ । ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ କୁଳସଚିବ ଡ଼ ବିଷ୍ଣୁକର ନାୟକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଲକ୍ଷ୍ୟ ଏବଂ ଆଦର୍ଶକୁ ନେଇ ବିଭିନ୍ନ ସେମିନାର ବିଶ୍ବିଦ୍ୟାଳୟ ପରିସରରେ ଦିନ ତମାମ ଜାରି ରହିଥିଲା ଯେଉଁଥିରେ ଗବେଶଣା ଓ ଉଦଭାବନା, ପ୍ରାରମ୍ଭ ଏବଂ ଶିଳ୍ପ ସଂଯୋଜିକରଣ, ଛାତ୍ର ସଂସଦ, ଏକାଡେମୀକ ଓ ଶିଳ୍ପ ସହଭାଗିତ ପରି ଅନେକ ବିଷୟକୁ ନେଇ ଏକ ଆଲୋଚନା କରାଯାଇଥିଲେ । ଏହି ଆଲୋଚନା ଚକ୍ରରେ ଆଇଆଇଟି ଭୁବନେଶ୍ୱରର ବିଦ୍ୟୁତିକ ବିଭାଗର ପ୍ରଫେସର ଶୁଭ୍ରାଂଶୁ ସାମନ୍ତରାୟ, ଟିଓ୍ୱର୍କର ଗବେଷଣା ଉଦ୍ୟୋଗୀ ଜି.ଶିବ ପ୍ରସାଦ ଯୋଗଦାନ କରି ବିଦ୍ୟାର୍ଥୀଙ୍କୁ ମାଗଦର୍ଶନ କରିଥିଲେଯ ଶିଳ୍ପ ଶିକ୍ଷା ସହଯୋଗରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ରୋଟାରୀଆନ ଜୟଶ୍ରୀ ମହାନ୍ତି, ମୋଡେର୍ଣ୍ଣ ଟେଷ୍ଟ ସେଣ୍ଟର ର ମୁଖ୍ୟ ରାଜେନ୍ଦ୍ର ମିଶ୍ର, ମଇକ୍ରୋସଫ୍ଟ ଆମେରିକାର ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁନୀଲ ସାବତ ପେନାଲିଷ୍ଟ ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ସନ୍ଧ୍ୟା ସମୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରାୟ ୩୮ଜଣ ଅଧ୍ୟାପକ, ଅଣ-ଅଧ୍ୟାପକ ମାନଙ୍କୁ ସେମାନଙ୍କ ୧୦ ବର୍ଷ, ୧୫ ବର୍ଷ, ୨୦ ବର୍ଷ, ଏବଂ ୨୫ ବର୍ଷ ପୂର୍ତ୍ତି ଅବସରରେ ପୁରଷ୍କାର ବିତରଣ ପ୍ରଦାନ କରାଯାଇଥିଲା । ସେହିପରି ଡ଼.ପ୍ରୀତି ରଞ୍ଜନ ସାହୁ, ଡ଼.ସବ୍ୟସାଚୀ ରଥ, ଡ଼ସସ୍ମିତା ପାଢ଼ୀ, ଡ଼.ରତିକାନ୍ତ ନାୟକ, ଡ଼.ବ୍ରଜ କିଶୋର ମିଶ୍ର, ଡ଼.ସଂଦୀପନ ମଲିକ, ଡ଼. ମାନବେନ୍ଦ୍ର ପାତ୍ର, ପ୍ର. ସ୍ୱାଧୀନ ମିଶ୍ର, ଡ଼. ଅମିତ ପଟନାୟକ, ପ୍ର. ସରୋଜ ପାଢ଼ୀ, ପ୍ର. ମିଟୁ ବରାଳ, ଡ଼. ଅମର ନାଥ ପାଢ଼ୀ, ଡ଼. ଭାନୁ ପ୍ରସାଦ ବେହେରା, ପ୍ର. ଭବାନୀ ଗୌଡ଼, ପ୍ର. ଦୁର୍ଗା ମାଧବ ପାଢ଼ୀ, ପିତାମ୍ବର ସାହୁ, ପ୍ରଜ୍ଞାରାଣୀ ସାମନ୍ତ, ଅନ୍ୱେସା ପାଣିଗ୍ରାହୀ, ପ୍ରଭୁଦତ୍ତ ମିଶ୍ର, ଗୋପବନ୍ଧୁ ଉତ୍ତରକବାଟ, ସୌମ୍ୟା ମୁଦୁଲି, ସନ୍ତୋଷ ସାହୁ, ରମାକାନ୍ତ ଚୌଧୁରୀ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ । ଉକ କାର୍ଯ୍ୟକ୍ରମକୁ ଡ. ଆକାଂକ୍ଷା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ, ବିଶ୍ୱବିଦ୍ୟଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ପରିଚାଳନରେ ସହଯୋଗ କରିଥିଲେ, ଅଭିଜିତ କର ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ନଦୀ ସଂଯୋଗୀକରଣ

ଦେଶରେ ବୃହତ ନଦୀ ସଂଯୋଗର ପରିକଳ୍ପନା ଭବିଷ୍ୟତରେ ସମ୍ଭାବ୍ୟ ଜଳ ସଂକଟର ମୁକାବିଲା ପାଇଁ ଉଦ୍ଦିଷ୍ଟ ଏହା ନିସନ୍ଦେହ । ଅଶୀ ଦଶକରେ ତତ୍କାଳୀନ ସରକାର ବୃହତ ନଦୀ ସଂଯୋଗ ଯୋଜନାର ପରିକଳ୍ପନା କରିଥିବାବେଳେ ଏଭଳି ପ୍ରଥମ ପ୍ରକଳ୍ପ ଲାଗି ଦୀର୍ଘ ଚାରିଦଶନ୍ଧି ଲାଗିଯାଇଛି । ତେବେ ଏହି ବିଳମ୍ବ ସରକାରୀ ଅବହେଳା କିମ୍ବା ବିରୋଧ ପାଇଁ ହୋଇଛି, ତାହା ସ୍ପଷ୍ଟ ଜଣାପଡିନଥିଲେ ମଧ୍ୟ ଖୁସିବ ବିପକ୍ଷ ଏହା ଯେ, ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ-ବେଟୱା ନଦୀର ସଂଯୋଗୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ବଜେଟରେ ୪୪,୬୦୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କେନ ନଦୀରୁ ବଳକା ଜଳ କେନାଲ ମାଧ୍ୟମରେ ବେଟୱା ନଦୀରେ ଛଡାଯିବ । କୃଷିକ୍ଷେତ୍ରକୁ ଜଳ ଯୋଗାଣ ଏବଂ ଜନସାଧାରଣଙ୍କୁ ପାନୀୟ ଜଳଯୋଗାଣ ହେଉଛି ଏଭଳି ଯୋଜନାର ମୁଖ୍ୟ ଲକ୍ଷ୍ୟ । କେବଳ ଏତିକି ନୁହେଁ, ବନ୍ୟା ସମୟରେ ତଳିଆ ଅଂଚଳର ଲୋକଙ୍କୁ ସୁରକ୍ଷା ଦେବା ସହ ଜଳ ବିଦ୍ୟୁତ ଉତ୍ପାଦନରେ ସହାୟକ ହେବ । ଏହା ନିସନ୍ଦେହ ଯେ, ଏବେ ଭୂତଳ ଜଳ ସ୍ତର କ୍ରମଶଃ ହ୍ରାସ ପାଉଥିବାବେଳେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ୨୦୫୦ ମସିହା ବେଳକୁ ଦେଶରେ ଉତ୍କଟ ପାନୀୟ ଜଳ ସଂକଟ ସୃଷ୍ଟି ହେବା ନେଇ ବୈଜ୍ଞାନିକମାନେ ଚେତାବନୀ ଦେଇସାରିଲେଣି । ଆହୁରି ମଧ୍ୟ ଚୀର ସ୍ରୋତା ନଦୀଗୁଡିକ ଖରାଦିନେ ଶୁଖିଲା ପଡିଲାଣି, ଏହା ଭବିଷ୍ୟତରେ ଜଳ ସଂକଟର ପୂର୍ବାଭାଷ ବୋଲି କହିଲେ ହୁଏତ ଅତ୍ୟୁକ୍ତି ହୋଇନପାରେ । ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ଚାରି ଦଶନ୍ଧିର ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ଗଲା ୨୦୨୧ରେ କେନ୍ଦ୍ର କ୍ୟାବିନେଟ ନଦୀ ସଂଯୋଗୀକରଣ ପ୍ରସ୍ତାବକୁ ଅନୁମୋଦନ କରିଥିଲେ । ଏହି ପ୍ରସ୍ତାବକୁ ସେତେବେଳେ ବିରୋଧର ସମ୍ମୁଖୀନ ହୋଇଥିବାବେଳେ ଜାତୀୟ ଗ୍ରୀନ ଟ୍ରିବୁନାଲର ଅନୁମତି ଅପେକ୍ଷାରେ ରହିଛି । ସେହିପରି ଏହି ପ୍ରକଳ୍ପ ଦ୍ୱାରା ଜୈବ ବିବିଧତା କ୍ଷତିଗ୍ରସ୍ତ ହେବା ସହ ପରିବେଶକୁ ପ୍ରଭାବିତ କରିବା ନେଇ ବିଶାରଦମାନେ ମଧ୍ୟ ଚେତାବନୀ ଦେଇଛନ୍ତି । ଏପରିକି ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ଓ ବିଶାରଦମାନଙ୍କ ପରାମର୍ଶକୁ ଏଡାଇ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି । ଉଭୟ କେନ ଓ ବେଟୱା ନଦୀର ଅବବାହିକା ବନ୍ୟା ଓ ମରୁଡି ଦ୍ୱାରା ପ୍ରପିଡିତ ହୋଇ ଆସୁଥିବାବେଳେ ଏହି ପ୍ରକଳ୍ପ ସହାୟକ ହେବା ନେଇ ଆଶା କରାଯାଏ । ଚାଷ ଜମିକୁ ଜଳସେଚନ ଓ ପାନୀୟ ଜଳଯୋଗାଣ ହୋଇପାରିବ । ଏହି ଯୋଜନା ଦ୍ୱାରା ଦେଶର ଦୁଇ ବୃହତ ରାଜ୍ୟ ଉତରପ୍ରଦେଶ ଓ ମଧ୍ୟପ୍ରଦେଶର ବହୁ ଅଂଚଳ ଉଭୟ ବନ୍ୟା ଓ ମରୁଡି ଦାଉରୁ ସୁରକ୍ଷିତ ହେବ, ଏହା ନିସନ୍ଦେହ । ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଦଳ ବିକାଶ ଏଜେନସ୍ ହିମାଳୟ ଓ ଉପଦ୍ୱୀପ ଅଂଚଳରେ ୧୬୮ ବିଲିଅନ ଡଲାର ବିନିଯୋଗରେ ୩୦ଟି ବୃହତ ନଦୀର ସଂଯୋଗୀକରଣ ପାଇଁ ଚିହ୍ନଟ କରିଛନ୍ତି । ଯାହା ଫଳରେ ଦଳର ସୁଷମ ବଂଟନ ହେବା ସହ ବନ୍ୟା ନିୟନ୍ତ୍ରଣ, ମରୁଡି ମୁକାବିଲା, ପାନୀୟ ଜଳଯୋଗାଣ ଏବଂ ଜଳବିଦ୍ୟୁତ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାରେ ଆମ ରାଜ୍ୟରେ ନଦୀର ସଂଯୋଗୀକରଣ ନେଇ ୩ଟି ନଦୀକୁ ଚିହ୍ନଟ କରାଯାଇଛି । ଯାହାର ଫିଜିବିଲଟ୍ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇସାରିଛି । ଏହି ଯୋଜନାରେ ମହାନଦୀ-ଋଷିକୁଲ୍ୟା-ଗୋଦାବରୀ, ଗଙ୍ଗା-ଦାମୋଦର-ସୁବର୍ଣ୍ଣରେଖା ଓ ସୁବର୍ଣ୍ଣରେଖା-ମହାନଦୀ-ସଂଯୋଗୀକରଣ ପ୍ରସ୍ତାବ ରହିଛି । ମହାନଦୀ-ଋଷିକୁଲ୍ୟା-ଗୋଦାବରୀ ସଂଯୋଗ ଦ୍ୱାରା ଓଡିଶା ଓ ଆନ୍ଧ୍ର ପ୍ରଦେଶ ଉପକୃତ ହେବା ସହ ଗଙ୍ଗା-ଦାମୋଦର-ସୁବର୍ଣ୍ଣରେଖା ଦ୍ୱାରା ଓଡିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଚାଷ ଜମି ଜଳସେଚିତ ହେବା ସହ ପାନୀୟ ଜଳ ସଂକଟ ଦୂର ହୋଇପାରିବ । ଆହୁରି ମଧ୍ୟ ଜଳବିଦ୍ୟୁତ ଉତ୍ପାଦନ ଦ୍ୱାରା ବିଦ୍ୟୁତ ସଂକଟ ଦୂରିଭୂତ ହୋଇପାରିବା ନେଇ ଆଶା କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ମହାନଦୀରେ ଛତିଶଗଡର ଏକାଧିକ ବ୍ୟାରେଜ ଯୋଗୁଁ ଏବେ ଓଡିଶାର ଶୁଖିଲା ପଡିଛି । କେବଳ ମହାନଦୀ ନୁହେଁ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ଋଷିକୁଲ୍ୟା, ବଂଶଧାରା ଆଦି ରାଜ୍ୟର ବଡବଡ ନଦୀ ଖରାଦିନେ ଶୁଖିଲା ପଡୁଛି । ଏହି ନଦୀ ସଂଯୋଗୀକରଣ ଦ୍ୱାରା ଭୂତଳ ଜଳସ୍ତରରେ ସୁଧାର ଆସିବ । ପ୍ରତି କାର୍ଯ୍ୟରେ ପ୍ରତିକ୍ରୀୟା ଥିବା ପରି ଏହି ପ୍ରକଳ୍ପ ଦ୍ୱାରା ପରିବେଶ ଉପରେ କି ପ୍ରକାର ପ୍ରଭାବ ପଡିବ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅନ୍ୟଥା ଏହା ବିପର୍ଯ୍ୟାୟର କାରଣ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ।

# ଉପାସନା ପୀଠ

### ଯୁଧିଷ୍ଠିର ମହାରଣା

ସଂପ୍ରତି ଦେଶରେ ବିଭିନ୍ନ ବିଶେଷକରି କେତେକ ନିର୍ଦ୍ଦିଷ୍ଟ ଉପାସନା ପୀଠ (ମନ୍ଦିର ଓ ମସଜିଦ) ବିବାଦକୁ ନେଇ ଯେଉଁ ନ୍ୟାୟିକ ଓ ଆଇନଗତ ଜଟିଳତା ସୃଷ୍ଟି ହୋଇଥିଲା ତାହା ଏକ ପ୍ରକାର ସାମୟିକ ଆଶ୍ୱସ୍ତିର ବାଟ ଦେଖାଯାଇଛି । ସୂଚନାଥାଉକି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଉପାସନା ପୀଠ ବା ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ର ବୈଧତା ପ୍ରସଙ୍ଗରେ ଆସିଥିବା ମାମଲାଟିର ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଅବସରରେ, ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ମନ୍ଦିର ମସଜିଦ ସଂକ୍ରାନ୍ତୀୟ କୌଣସି ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ତାଙ୍କ ଅନ୍ତରଣୀୟ ନିର୍ଦ୍ଦେଶରେ ଜଣାଇଛନ୍ତି । ତାଙ୍କ ଆଦେଶରେ ସ୍ପଷ୍ଟ ରହିଛି ଯେ ଏ ନେଇ ନିମ୍ନ ଅଦାଲତ ମାନଙ୍କରେ ଏହି ସମ୍ପର୍କିତ ରୁଜୁ ହୋଇଥିବା କୌଣସି ମାମଲାର ଶୁଣାଣି ହେବା ନାହିଁ କିମ୍ବା କୌଣସି ଅନ୍ତରୀଣ ହେଉ ବା ଅନ୍ତିମ ଏପରିକି ସର୍ବେକ୍ଷଣ ପାଇଁ ନିମ୍ନ ଅଦାଲତମାନେ ଅନୁମତି ଦେଇ ପାରିବେ ନାହିଁ । ଆଇନର ଜଟିଳତା ନେଇ ଆସନ୍ତା ଚାରି ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟ ମାନ୍ୟବର ଖଣ୍ଡପୀଠ ଏହି ମର୍ମରେ ନିର୍ଦ୍ଦେଶ ଦେଇଛନ୍ତି । ବାସ୍ତବ କଥା ହେଉଛି ମାମଲାର ଶୁଣାଣି କେତେ ଦିନ ପର୍ଯ୍ୟନ୍ତ ଚାଲିବ ତାହା ନିଶ୍ଚିନ୍ତ ଭାବେ ଅନିର୍ଦ୍ଦିଷ୍ଟ ଓ ଅନିଶ୍ଚ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ସେ ପର୍ଯ୍ୟନ୍ତ ଧର୍ମ ଆଧାରରେ କୋର୍ଟ କଚେରୀ ବିବାଦ ଓ ବିତର୍କ ଦେଶବାସୀଙ୍କୁ ଆଲୋଚନାର ଅନ୍ତତଃ ବାଟ ନଦେଖାଇ ବରଂ ସାମୟିକ ଆଶ୍ୱସ୍ତି ଦେବ ।

ସୂଚନାଥାଉକି ମଧ୍ୟପ୍ରଦେଶର ଭୋଜଶାଳା, ଦିଲ୍ଲୀର କୁତବମିନାର, ମଥୁରାର ସାହି ଇଦଗା ମସଜିଦ (କୃଷ୍ଣ ଜନ୍ମଭୂମି), ମହାରାଷ୍ଟ୍ରର ହାଜି ମଲଙ୍ଗ ଦରଘା, ବାରାଣାସୀର ଜ୍ଞାନବ୍ୟାପି ମସଜିଦ, ଉତ୍ତର ପ୍ରଦେଶ ସମ୍ବଲ ସାହି ଜାମା ମସଜିଦ ଓ ରାଜସ୍ଥାନର ଆଜମେର ସ୍ଥିତ ସାହି ଦରଘା ଏହିପରି ଦେଶର ବିଭିନ୍ନ ଅଦାଲତରେ ଦଶଟି ମାମଲା ରୁଜୁ ହୋଇଛି । ମନ୍ଦିରକୁ ଭାଙ୍ଗି ମସଜିଦ ନିର୍ମାଣ ହୋଇଥିବାର ଅଭିଯୋଗ ରହୁଥିବାରୁ ପୂର୍ବ ସ୍ଥିତି ନିର୍ଦ୍ଧାରଣ ପାଇଁ ବ୍ୟାପକ ସର୍ବେକ୍ଷଣ ଦ୍ୱାରା ନିଶ୍ଚିନ୍ତ କରିବାକୁ ବିଭିନ୍ନ ଅଦାଲତରେ ଆବେଦନ ଓ ପାଲଟା ଆବେଦନର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଯାହାଦ୍ୱାରା ଉପାସନା ପୀଠ (ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ର) କେତେକ ଧାରା ଅନେକ ବିତର୍କ ସୃଷ୍ଟି କରିଥିବାବେଳେ ଆଇନର ବୈଧତାକୁ ନେଇ ସର୍ବୋଚ୍ଚ ଅଦାଲତରେ ସଂଖ୍ୟାଧିକ ମାମଲା ଦାୟର ହୋଇଛି । ୧୯୯୧ରେ ରାମଜନ୍ମଭୂମି ବ୍ରବ୍ରି ମସଜିଦ ବିବାଦର ଉଗ୍ର ରାଜନୈତିକ ପ୍ରଭାବରୁ ଦେଶର ଧର୍ମନିରପେକ୍ଷତା ଭାବମୂର୍ତ୍ତିକୁ ସୁରକ୍ଷା ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂ ରାଓ ଆଣିଥିବା ଏହି ଆଇନ ଅନୁଯାୟୀ ଦେଶ ସ୍ୱାଧୀନ ହେବା ସମୟରେ ଦେଶର ଧାର୍ମିକ ଓ ଉପାସନା ପୀଠଗୁଡ଼ିକର ସ୍ଥିତାବସ୍ଥା ଯାହା ଥିଲେ ସେଥିରେ କୌଣସି ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇପାରିବ ନାହିଁ କି ଅନ୍ୟ କୌଣସି ଧର୍ମ ସଂସ୍ଥାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ଏବଂ ଉପାସନା, ପ୍ରାର୍ଥନା, ପୂଜାର୍ଚ୍ଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ । ଆଇନ ପ୍ରଣୀତ ହେବା ପୂର୍ବରୁ ଏ ସମ୍ପର୍କିତ ବିଭିନ୍ନ ଅଦାଲତରେ ରୁଜୁ ହୋଇଥିବା ମାମଲାର ଆଉ କୌଣସି ଗୁରୁତ୍ୱ ରହିବ ନାହିଁ କି ଏ ସମ୍ପର୍କିତ କୌଣସି ମାମଲା ପରବର୍ତ୍ତୀ ସମୟରେ ଅଦାଲତରେ ଦାୟର ହୋଇପାରିବ ନାହିଁ ବୋଲି ଆଇନରେ ସ୍ପଷ୍ଟ କରାଯାଇଛି । ରାମ ଜନ୍ମଭୂମି - ବାବ୍ରି ମସଜିଦ ମାମଲାର ଜଟିଳତା ଦୃଷ୍ଟିରୁ ତାହାକୁ ଆଇନ ପରିସରଭୁକ୍ତ କରାଯାଇ ନଥିଲା । କିନ୍ତୁ ଜ୍ଞାନବାପୀ,ସମ୍ବଲ ଓ ଆଜମେର ପ୍ରସଙ୍ଗରେ ନିମ୍ନ ଅଦାଲତମାନେ ଦେଇଥିବା ରାୟ ଏବଂ ସର୍ବୋଚ୍ଚ ଅଦାଲତଙ୍କ ସମ୍ମତି ଉପରୋକ୍ତ ଆଇନର ଉଲ୍ଲଙ୍ଘନ କରୁଛି ବୋଲି କଂଗ୍ରେସ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଭିଯୋଗ କରିଛନ୍ତି । ଏପରିକି ୨୦୨୩ରେ ଜ୍ଞାନବାପୀ ମସଜିଦରେ ସର୍ବେକ୍ଷଣ ପାଇଁ ଅନୁମତି ଦେବା ଅବସରରେ ସର୍ବୋଚ୍ଚ ଅଦାଲତର ତତ୍କାଳୀନ ଡି ୱାଇ ଚନ୍ଦ୍ରଚୁଡ଼ଙ୍କ ଖଣ୍ଡ ପୀଠ ଆଇନର ଭୁଲ ତର୍ଜମା କରିଥିବା ଅଭିଯୋଗ ହେଉଛି । ଆଇନର ଜଟିଳତା ସମ୍ପର୍କରେ ନିଜ ପକ୍ଷ ରଖିବାକୁ ସର୍ବୋଚ୍ଚ ଅଦାଲତ ତିନିବର୍ଷ ତଳୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାରୀ ଉଦାସୀନତା ଯୋଗୁଁ ଏହି ଜଟିଳତା ଆହୁରି ପ୍ରଲମ୍ବିତ ହେବାରେ ଲାଗିଛି । ଉପାସନା ପୀଠ ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ ସମ୍ବିଧାନର ଧର୍ମନିରପେକ୍ଷତା ଉଦଘୋଷଣାର ବିରୁଦ୍ଧାଚାରଣ କରୁଛି ବୋଲି ଆଇନ ବିପକ୍ଷବାଦୀ ସେମାନଙ୍କ ସଦ୍ୟତମ ଆବେଦନରେ ଦର୍ଶାଇଥିବାବେଳେ ଏହାର ସପକ୍ଷବାଦୀମାନେ ଆଇନକୁ ଯଥାଯଥା ବୋଲି ଯୁକ୍ତି କରୁଛନ୍ତି ଏବଂ ନିମ୍ନ ଅଦାଲତମାନଙ୍କର ମସଜିଦ ସର୍ବେକ୍ଷଣ ସପକ୍ଷରେ ଦେଇଥିବା ରାୟ ଆଇନର ଉଲ୍ଲଘଂନ ବୋଲି ଅଭିଯୋଗ କରୁଛନ୍ତି ।

ଭାରତୀୟ ନ୍ୟାୟପାଳିକା ସୁଦୃଢ଼ ନିରପେକ୍ଷ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଦେଖିଲେ ଯାହା ସୂଚୀତ ହୁଏ ବିଧାନ ପାଳିକାର ଆଇନ ପ୍ରଣୟନ କରିବାର କ୍ଷମତା ରହୁଥିବାବେଳେ ଏଥିରେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବ ନାହିଁ । କେବଳ ସରକାରଙ୍କ ପ୍ରଣୀତ ଆଇନ ସାମ୍ବିଧାନିକ ମୌଳିକତାକୁ ବିରୁଦ୍ଧାଚରଣ କରୁଛି କି ନାହିଁ ତାହା କେବଳ ତର୍ଜମା କରିବା ଦାୟିତ୍ୱ ନ୍ୟାୟପାଳିକାର । ତେଣୁ ଉପାସନା ପୀଠ ସ୍ୱତନ୍ତ୍ର ପ୍ରାବଧାନ ଆଇନ ୧୯୯୧ର ବୈଧତା ଉପରେ ହସ୍ତକ୍ଷେପ ନକରି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ଏହାର ସ୍ଥିତାବସ୍ଥା ବଜାୟ ରଖିଛନ୍ତି । ଏ ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଇତିହାସର ଭୁଲ ଭଟକାକୁ ଆଧାର କରି ଭବିଷ୍ୟତର କାର୍ଯ୍ୟ ପନ୍ଥା ନିର୍ଣ୍ଣୟ କରାଯାଇପାରିବ ନାହିଁ । ମାନ୍ୟବର ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ପରେ ଏହା ଆଇନଗତ ଭାବେ ଏକ ବଡ଼ ଆଲୋଚନ ମଧ୍ୟ ରଖିଛି । ତେଣୁ ଏ ପ୍ରସଙ୍ଗରେ ଆଗକୁ ମାନ୍ୟବର ସୁପ୍ରିମ କୋର୍ଟଙ୍କ ବିଚାର ନିର୍ଣ୍ଣୟ କ'ଣ ହେବ ଏହାକୁ ନେଇ ସମସ୍ତଙ୍କ ଉତ୍କଣ୍ଠା ଓ ଆଗ୍ରହ ରହିବା ସ୍ୱାଭାବିକ । ତେବେ ଅନ୍ତତଃ କିଛି ଦିନ ପାଇଁ ନ୍ୟାୟିକ ଜଞ୍ଜାଳରୁ ସାମୟିକ ଆଶ୍ୱସ୍ତି ମିଳିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
E-mail :
judhister009moharana@gmail.com

# ପ୍ରଧାନମନ୍ତ୍ରୀ ମୋଦୀଙ୍କ କୁଏତ ଗସ୍ତ ଏବଂ ପଶ୍ଚିମ ଏସିଆରେ ଭାରତର ପ୍ରଭାବ ବୃଦ୍ଧି

### ଅଲତାପ ମିର

ଡିସେମ୍ବର ୨୧-୯୯, ୨୦୨୪ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଏତ ଗସ୍ତ, ଗଲ୍ଫ ଦେଶମାନଙ୍କ ସହ ଭାରତର ସମ୍ପର୍କର ଏକ ଐତିହାସିକ କ୍ଷଣ ଅଟେ । ୧୯୮୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଗସ୍ତ ପରେ ଗତ ୪୩ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ କୁଏତକୁ ଏହା ପ୍ରଥମ ଗସ୍ତ ଥିଲା । ଏହି ଯାତ୍ରା ଭାରତ-କୁଏତ ସମ୍ପର୍କରେ ରଣନୈତିକ ଭାଗିଦାରୀ ବୃଦ୍ଧି କରିବା ସହ ପଶ୍ଚିମ ଏସିଆରେ ଭାରତର ବର୍ଦ୍ଧିତ ପ୍ରଭାବକୁ ପ୍ରତିଫଳିତ କରୁଛି । ଭାରତ- କୁଏତ ସମ୍ପର୍କର ରଣନୈତିକ ଭାଗିଦାରୀତା ଅନ୍ତଗତ ବାଣିଜ୍ୟ, ପୁଞ୍ଜି ବିନିଯୋଗ, ପ୍ରତିରକ୍ଷା, ଶକ୍ତି ଏବଂ ସାଂସ୍କୃତିକ ବିନିଯୋଗ ଭଳି ପ୍ରମୁଖ କ୍ଷେତ୍ରଗୁଡିକରେ ବ୍ୟାପକ ସହଯୋଗ ଅର୍ନ୍ତଭୁକ୍ତ । ଅନେକ ଆଗରୁ ବାଣିଜ୍ୟ ଏବଂ ସାଂସ୍କୃତିକ ସମ୍ବନ୍ଧର ମୂଳଦୂଆରେ ଭାରତ ଏବଂ କୁଏତ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି । ଏକ ରଣନୈତିକ ଭାଗିଦାରିତା ଏହି ଐତିହାସିକ ସମ୍ପର୍କକୁ ସୁଦୃଢ କରିବା ସହ ସମସାମୟିକ ବିଶ୍ ତଥା ଆଂଚଳିକ ଆହାନ ଗୁଡିକର ସମାଧାନ କରିବାର ସହାୟକ ହେବ । ଦ୍ୱିପାକ୍ଷିକ କାଯ୍ୟକଳାପ ଉପରେ ନଜର ରଖିବା ଏବଂ ବିସ୍ତାର ପାଇଁ ଏକ ମିଳିତ ସହଯୋଗ ଆୟୋଗ (Joint Commission on Cooperation) ଗଠନ ହୋଇଛି ଯ ଉଭୟ ଦେଶର ବିଦେଶ ମନ୍ତ୍ରୀଙ୍କ ନେତୃତ୍ୱରେ ମିଳିତ ସହଯୋଗ ଆୟୋଗ ଏକ ରଣନୈତିକ ଦିଗ ପ୍ରଦାନ କରି ବିଭିନ୍ନ କ୍ଷେତ୍ରରେ ପ୍ରଚେଷ୍ଟା ଗୁଡିକର କାର୍ଯ୍ୟକାରିତାକୁ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି । ବାଣିଜ୍ୟ କ୍ଷେତ୍ରରେ ଭାରତ ଏବଂ କୁଏତ ମଧ୍ୟରେ ଚିରସ୍ଥାୟୀ ସମ୍ପର୍କ ରହିଆସିଛି ଏବଂ ଏହା ପରବର୍ତ୍ତୀ ଅଭିବୃଦ୍ଧି ଏବଂ ବିବିଧକରଣ ସମ୍ଭାବନାକୁ ସୂଚିତ କରିଛି । କୁଏତ ଏହାର ମହତ୍ୱପୂର୍ଣ୍ଣ ବିନିଯୋଗ କ୍ଷମତା ଦ୍ୱାରା ଭାରତର ଅଭିବୃଦ୍ଧି ସମ୍ପନ୍ନ ଅର୍ଥନୀତିରେ ପୁଞ୍ଜି ବିନିଯୋଗ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି । ପ୍ରଯୁକ୍ତି, ସାସ୍ଥ୍ୟସେବା, ପର୍ଯ୍ୟଟନ, ଖାଦ୍ୟ ସୁରକ୍ଷା ଏବଂ ଲଜିଷ୍ଟିକ୍ ଭଳି କ୍ଷେତ୍ରଗୁଡ଼ିକୁ ପାରସ୍ପରିକ ଆଗ୍ରହ କ୍ଷେତ୍ର ଭାବରେ ଚିହ୍ନଟ କରାଯାଇଛି । କୁଏତର ସାର୍ବଭୌମ ଧନପାଣ୍ଠି ଯାହା ବିଶ୍ୱର ବୃହ୍ ପାଣ୍ଠି ଗୁଡିକରୁ ଅନ୍ୟତମ ଅଟେ ତାହା ଭାରତର ଭିତ୍ତିଭୂମି ବିକାଶ ତଥା ଅନ୍ୟାନ୍ୟ ରଣନୈତିକ କ୍ଷେତ୍ରରେ ବିନିଯୋଗର ଏକ ମହତ୍ୱପୂର୍ଣ୍ଣ ଗ୍ରହଣ କରିବାର କ୍ଷମତା ରଖିଛି । ଶକ୍ତି ହେଉଛି ଭାରତ-କୁଏତ ସମ୍ପର୍କର ମୂଳଦୁଆ । ଏବଂ ଭାରତକୁ ଅଶୋଧିତ ତୈଳ ଯୋଗାଣ କ୍ଷେତ୍ରରେ କୁଏତ ହେଉଛି ଅନ୍ୟତମ ମୁଖ୍ୟ ରାଷ୍ଟ୍ର । ଏହା ବର୍ତ୍ତମାନ ପାରମ୍ପାରିକ ଅଟେ ।କ୍ରେତା-ବିକ୍ରେତା ସମ୍ପର୍କର ଉର୍ଦ୍ଧ୍ୱକୁ ଉଠି ଏକ ବ୍ୟାପକ ଶକ୍ତି ସହଭାଗିତୟ ପ୍ରତି ଅଗ୍ରସର ହେଉଛି, ଯେଉଁଥିରେ ଅକ୍ଷୟଶକ୍ତି ଏବଂ ଭାରତ ଦ୍ୱାରା ରଣନୈତିକ ପେଟ୍ରୋଲିୟମ ରିଜର୍ଭ ପ୍ରୋଗ୍ରାମରେ ଅଂଶଗ୍ରହଣ ଅର୍ନ୍ତଭୁକ୍ତ । କୁଏତ ଦ୍ୱାରା ଆର୍ନ୍ତଜାତୀୟ ସୋଲାର ଆଲାଏନ୍ସରେ ଯୋଗଦାନ ସ୍ଥାୟୀ ଶକ୍ତି ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଉଭୟ ଦେଶ ସୌରଶକ୍ତି ଏବଂ ନିମ୍ନ ଅଙ୍ଗାରକାମ୍ଳ ଅଭିବୃଦ୍ଧି ପଥକୁ ପ୍ରୋତ୍ସାହିତ କରିବା ପାଇଁ ଘନିଷ୍ଠ ଭାବରେ କାଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ଏବଂ ଏହା ଦ୍ୱାରା ଅକ୍ଷୟ ଶକ୍ତି ଉପରେ ଭାରତର ଗୁରୁତ୍ୱ ଏବଂ ଜଳବାୟୁ ପରିବର୍ତ୍ତନ ବିରୋଧରେ ଏହାର ପକ୍ଷକୁ ସୁଦୃଢ କରୁଛି । ପ୍ରତିରକ୍ଷା ସହଯୋଗ ଉପରେ ଏକ ବୁଝାମଣା ପତ୍ର (MOU) ସାକ୍ଷର ହେବା ଏହି ଗସ୍ତର ଅନ୍ୟ ଏକ ପ୍ରମୁଖ ଆର୍କଷଣ ଥିଲା । ମିଳିତ ସାମରିକ ଅଭ୍ୟାସ, ତାଲିମ, ଉପକୂଳ ପ୍ରତିରକ୍ଷା, ସାମୁଦ୍ରିକ ନିରାପତ୍ତା ଏବଂ ପ୍ରତିରକ୍ଷା ଉପକରଣର ମିଳିତ ବିକାଶ ଏବଂ ଉତ୍ପାଦନ ଇତ୍ୟାଦି ଏହି ବୁଝାମଣା ପତ୍ରରେ ସାମିଲ ହୋଇଛି । ରଣନୈତିକ ଭାଗିଦାରୀତାରେ ପ୍ରତିରକ୍ଷା ସ୍ତମ୍ଭକୁ ମଜବୁ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉଭୟ ଦେଶ ସମସ୍ତ ପ୍ରକାରର ଆତଙ୍କବାଦକୁ ନିନ୍ଦା କରିଛନ୍ତି ଯାହା ମଧ୍ୟରେ ସୀମାପାର ଆତଙ୍କବାଦ ଅନ୍ତଭୁକ୍ତ । ଏହା ସହିତ ଆତଙ୍କବାଦକୁ ଅର୍ଥ ଯୋଗାଣକାରୀ ସଂରଚନା ଗୁଡିକର ଧ୍ୱଂସ, ଆତଙ୍କବାଦର ଭିତ୍ତିଭୂମି ଗୁଡିକୁ ଭାଙ୍ଗିବା, ସୀମାପାର ଆତଙ୍କବାଦର ମୁକାବିଲା ଏବଂ ସାଇବର ନିରାପତ୍ତା ବୃଦ୍ଧି କରିବାକୁ ସହମତ ହୋଇଛନ୍ତି । ଏହି ଆଲୋଚନା ଆଂଚଳିକ ଏବଂ ବିଶ୍ୱ ସୁରକ୍ଷା ଆହାନ ଗୁଡିକର ସମାଧାନ ପାଇଁ ଉଭୟ ଦେଶର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କୁଏତରେ ପ୍ରାୟ ଦଶଲକ୍ଷରୁ ଅଧିକ ପ୍ରବାସୀ ଭାରତୀୟ ଅଛନ୍ତି, ଯେଉଁମାନେ ଭାରତ ଏବଂ କୁଏତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଭାରତ-କୁଏତ ସମ୍ପକରେ ଏକ ମୌଳିକ ସ୍ତମ୍ଭ ଭାବରେ ନାଗରିକ-ନାଗରିକ ସମ୍ପର୍କର ଗୁରୁତ୍ୱକୁ ଦର୍ଶାଉଛି ।

୨୦୨୫-୨୦୨୯ ବର୍ଷ ପାଇଁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ନବୀକରଣ ଏବଂ ୨୦୨୫-୨୦୨୮ ପାଇଁ କ୍ରୀଡା କାର୍ଯକାରିଣୀ କାର୍ଯକ୍ରମର ସାକ୍ଷର ବର୍ଦ୍ଧିତ ସାଂସ୍କୃତିକ ଏବଂ କ୍ରୀଡା ଆଦାନ ପ୍ରଦାନ ପାଇଁ ଉଦ୍ଦିଷ୍ଟ । ଏହି ଗସ୍ତ ଦୁଇ ଦେଶମଧ୍ୟରେ ଶିକ୍ଷା ଏବଂ ଦକ୍ଷତା ବିକାଶରେ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛି । ଉଭୟ ପକ୍ଷ ଆନୁଷ୍ଠାନିକ ସହଯୋଗକୁ ମଜବୁତ କରି ଅନଲାଇନ ଶିକ୍ଷା ମଂଚକୁ ପ୍ରୋତ୍ସାହନ ଦେବା ସହ ଶିକ୍ଷାଗତ ଭିତ୍ତିଭୂମିର ଆଧୁନୀକିକରଣ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ପଦକ୍ଷେପ ଉଭୟ ଦେଶକୁ ଉପକୃତ କରି ମାନବ ସମ୍ବଳ ବିକାଶ ପାଇଁ ଏକ ଦୃଢ ଢାଂଚା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ କୁଏତ ଗସ୍ତକୁ ଭାରତର ପଶ୍ଚିମ ଏସିଆ ରଣନୀତିର ବ୍ୟାପକତା ଦୃଷ୍ଟିରୁ ଦେଖାଯିବା ଉଚିତ ।

ଶକ୍ତି ଆବଶ୍ୟକତା, ବାଣିଜ୍ୟମାର୍ଗ ଏବଂ ବୃହ୍ ଭାରତୀୟ ପ୍ରବାସୀ ସମୁହଙ୍କ ଉପସ୍ଥିତି ଯୋଗୁଁ ଏହି ଅଂଚଳ ଭାରତ ପାଇଁ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଗଲ୍ଫ ସହଯୋଗ ପରିଷଦ (ଏଉଉ) ସହ ଭାରତର ସକ୍ରିୟ ଯୋଗଦାନ ଦ୍ୱାରା ଭାରତକୁ ଉନ୍ନତ ଅର୍ଥନୈତିକ ସୁରକ୍ଷା ସହଯୋଗ ସମେତ ଅନେକ ମହତ୍ପୂର୍ଣ୍ଣ ଲାଭ ମିଳିଛି । କୁଏତର ଗଲ୍ଫ, ସହଯୋଗ ପରିଷଦର ବର୍ତ୍ତମାନ ଅଧ୍ୟକ୍ଷତାରେ ନିକଟରେ ଗ୍ରହଣ କରାଯାଇଥିବା ମିଳିତ କାଯ୍ୟ ଯୋଜନା ଦ୍ୱାରା ଭାରତ-GCC ସହଯୋଗକୁ ଗଭୀର କରିବାର ସୁଯୋଗ ପ୍ରଦାନ କରାଯାଇପାରିବ । ଏହି ଗସ୍ତରେ ଉଭୟ ପକ୍ଷ ଭାରତ-ଏଉଉ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଏହା ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗକୁ ବୃଦ୍ଧି କରିବା ସହିତ ଏହି ଅଂଚଳର ପ୍ରମୁଖ ଅଂଶୀଦାର ଭାବରେ ଭାରତର ସ୍ଥିତିକୁ ଆମ୍ ଆହୁରି ଦୃଢୀଭୂତ କରିବ । ହୁଏତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ପଶ୍ଚିମ ଏସିଆ । ସମାନ ସର୍ତ୍ତରେ ପ୍ରମୁଖ ସମାସାମୟିକ ଦେଶ ପ୍ରମାଣ ଅଟେ । ଏହି ଗସ୍ତ କେବଳ ଦ୍ୱିପାକ୍ଷିକ ସମ୍ପକକୁ ଗଭୀ ଆଂଚଳିକ ତଥା ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିବାରେ ଭ ର୍ନିଭରଯୋଗ୍ୟ ଅଂଶୀଦାର ଭାବରେ ପ୍ରମାଣିତ କରିଛି । ଅର୍ଥନୈତିକ ସହଯୋଗ, ଶକ୍ତି ସୁରକ୍ଷା, ପ୍ରତିରକ୍ଷା ସହଯୋଗ ଏବଂ ସାଂସ୍କୃତିକ ଅନ୍ଦ ଦାନ ପ୍ରଦାନ ଉପରେ ଧ୍ୟାନଦେଇ ଏହି ଗସ୍ତ ଏକ ଗତିଶୀଳ ଏବଂ ପାରସ୍ପରିକ ଲାଭଦାୟକ ସହଭାଗିତା ପାଇଁ ମୂଳଦୁଆ ପକାଇଛି । ପଶ୍ଚିମ ଏସିଆରେ ଭାରତ ନିଜର ରଣନୈତିକ ଛାପ ବିସ୍ତାର କରିବାରେ ଲାଗିଛି ଏବଂ କୁଏତ ସହ ସମ୍ପକଟ କର ଦୃଢତା ଅନ୍ୟ ଉପସାଗରୀୟ ଦେଶମାନଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଏକ ମୋଡେଲ ଭାବରେ କାଯ୍ୟ କରିଛି । ଏହି ଐତିହାସିକ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁ କରିବାରେ ସକ୍ରିୟ କୂଟନୀତିର ମହତ୍ୱକୁ ପ୍ରତିପାଦନ କରିଛି । ଏହା ନିଶ୍ଚିତ ଭାବରେ ଦୃତ ପରିବର୍ତ୍ତନଶୀଳ ଦୁନିଆରେ ଆଂଚଳିକ ସ୍ଥିରତା ଏବଂ ବିଶ୍ୱପ୍ରଗତି ପ୍ରତି ସହାୟକ ହେବ । ଆରେ ଭାରତର ବଢୁଥିବା ପ୍ରଭାବ ଏବଂ ଦେଶ ସହ ଜଡିତ ହେବାର ସାର୍ମର୍ଥ୍ୟର ଲୀର କରିନାହିଁ ବରଂ ରେ ଭାରତକୁ ଏକ ।

ପିଏଚ୍ ଡି, ଜାମିଆ । ମିଲିଆ । ଇସଲାମିଆ ।

# କବିସୂର୍ଯ୍ୟ ବଳଦେବ ରଥ

### ଡ଼ଃ.ଅରୁନ୍ଧତୀ ଦେବୀ

କବିସୂର୍ଯ୍ୟ ବଳଦେବ ରଥ ଅସାଧାରଣ କବିତ୍ୱର ଅଧିକାରୀ ଅନ୍ୟତମ ପ୍ରାଚୀନ କବି । ସପ୍ତଦଶ ଶତାବ୍ଦୀରୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହୋଇଥିବା କୃଷ୍ଣ ଲୀଳାମୃତ ଗୀତ ରଚନା ତାଙ୍କର କାବ୍ୟ କବିତା ଗୁଡ଼ିକରେ ଚରମ ଉତ୍କର୍ଷ ଲାଭ କରିଥିଲା । ମଧ୍ୟ ଯୁଗୀୟ ଗୀତିକାବ୍ୟର ବିଧିବଦ୍ଧତାରୁ ସେ ଓଡ଼ିଆ କବିତାକୁ ବହୁ ପରିମାଣରେ ମୁକ୍ତ କରିଥିଲେ । ଅଳଙ୍କାରର ପ୍ରାଧାନ୍ୟକୁ ସେ ପରିହାର କରିବା ସହ ଚଉପଦୀ ରଚନାରେ ଅଧିକ ମନୋନିବେଶ କରିଥିଲେ । ସଂଗୀତକୁ ସଂଳାପର ମର୍ଯ୍ୟାଦା ଦେବା ସହ ମାତ୍ରା, ବୃତ୍ତ ଓ ଛନ୍ଦର ପ୍ରବର୍ତ୍ତନ କରିଥିଲେ । ଆଧୁନିକ କାବ୍ୟ ଭାଷା ନିର୍ମାଣ ତାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ତେଣୁ ସେ ଯଥାର୍ଥରେ କବିସୂର୍ଯ୍ୟ । ଏହି ଉପାଧି ତାଙ୍କୁ ପ୍ରଦାନ କରିଥିଲେ ଜଳନ୍ତରର ରାଜା ରାମଚନ୍ଦ୍ର ଛୋଟରାୟ । କବିଙ୍କର ପ୍ରଥମ କାବ୍ୟ ଚନ୍ଦ୍ରକଳା । ଭଞ୍ଜୀୟ ଗୀତିକାବ୍ୟ ଆଧାରରେ ବଳଦେବ ଏହାକୁ ରଚନା କରିଥିଲେ । ପ୍ରାୟ ପନ୍ଦରଟି ଛାନ୍ଦ, ନଅଟି ଚଉତିଶା, ସାଢ଼େ ଚାରି ଶହରୁ ଅଧିକ ଚଉପଦୀ ସମେତ ବହୁ ଭଜନ, ଜଣାଣ, ଚିଟାଉ, ଢୁଂପା ଓ ମନାସ ଆଦିର ସଫଳ ରଚୟିତା ସେ । ତିନିଟି ପ୍ରସିଦ୍ଧ ଚମ୍ପୁ ରଚନା କରିଥିଲେ ।

କିଶୋରଚନ୍ଦ୍ରାନନ ଚମ୍ପୂ କବିଙ୍କର ଶ୍ରେଷ୍ଠ କାବ୍ୟକୃତି । ଏଥିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣର କ୍ରମାନୁସାରେ କବିତା ରଚିତ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବ୍ୟଙ୍ଗ ଓ ହାସ୍ୟ ରସର ବର୍ଣ୍ଣନା କ୍ୱଚିତ୍ ଥିବାବେଳେ ବଳଦେବ ରଚନା କରିଥିଲେ ଗଦ୍ୟ କଥା ହାସ୍ୟକଲ୍ଲୋଳ ଓ ବ୍ୟଙ୍ଗାତ୍ମକ କବିତା ଜଗତେ କେବଳ ଜନେ ହସିବେ ଏହି ତହୁଁ ଫଳ, କାହାକୁ କହିବା କପାଳରେ ସିନା କର ତାଡ଼ିବା । ଜଗନ୍ନାଥ ଜଣାଣ ମହାବାହୁ ଜଣାଣ, ସର୍ପ ଜଣାଣ ଆଦି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ମାଘ ଶୁକ୍ଳ ପଞ୍ଚମୀ ତିଥି (ଜାନୁଆରୀ ୨୨)ରେ ବଳଦେବ ଜନ୍ମ ହୋଇଥିଲା ।

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# 'କୋରାପୁଟିଆ ଦେଶୀଆ ଗୀତ 'ଛି ଛି ଛି ରେ ନନୀ ଛିଛି.... '

### ଅନୁପମା ଭୂୟାଁ

'ଧନ୍‌କେ ଦେଖଲୁ ତୁଇ ନନୀ ସିନା ମନ୍‌କେ ଚିହ୍ନିଲୁ ନାହିଁ; ସୁନା କେ ଚିହ୍ନଲୁ, ବାନାକେ ଚିହ୍ନଲୁ, ମନୁଷ ଚିହ୍ନଲୁ ନାଇଁ...... ଗୁଟେ ଦିନ ମିଶା ଜଗିଦେଲୁ ନାଇଁ, କେଡ଼େ କଥା କରିଦେଲୁ, ମୁଇଁ ଗାଁ ଯାଇକରି ଆସିଲା ବେଳେ କେନ୍‌ତା ପାଶରି ଦେଲୁରେ ନନୀ, ଛି ଛି ଛିରେ ନନୀ ଛି ଛି..'- ...... କୋରାପୁଟିଆ ଦେଶୀଆ ଗୀତ 'ଛି ଛି ଛି ରେ ନନୀ ଛିଛି.... ' ସୋସିଆଲ ଟ୍ରେଣ୍ଡରେ ନବେ ଦଶକର ଏହି ଗୀତଟି ଏବେ କେବଳ ଯୁବ ବର୍ଗଙ୍କ ମନକୁ ଛୁଇଁନି ଛକର ଖଟି ଠାରୁ କ୍ଲାସରୁମ, ବସ ଭିତରର ଗୀତ ଧୁନ୍ ଠାରୁ ବଜାର ନାଚର ମାହୋଲ ଭିତରେ ଏହା ଏବେ ଶ୍ରୋତାବର୍ଗଙ୍କୁ ଏକ ପ୍ରକାର ମତୁଆଲା କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ଏହି ଗୀତଟିର ଅସଲ ଅର୍ଥଟି ହେଉଛି ପାରମ୍ପରିକ ପ୍ରେମ କାହାଣୀର ଘଟଣା ଭିତରେ ଗୀତର ନାୟକ ଗାଁକୁ ଯାଇଛି । ନାୟିକାକୁ କହିଛି 'ତୁ କିଛି ଚିନ୍ତା କରନା । ମୁଁ ତୋ ପାଇଁ ସବୁ କିଣି ଦେବି । ଛେଳି ବିକି ଦେବି, ମେଣ୍ଢା ବିକି ଦେବି, ତୋତେ ମୁଁ ସୁଖରେ ରଖିବି ।' ହେଲେ ସେ ଗାଁକୁ ଆସିବା ପୂର୍ବରୁ ଝିଅର ବାପା ଘର ଲୋକେ ଧନୀ ଘର ପୁଅ ସଙ୍ଗେ ବାହା ଦେବା ପାଇଁ ସ୍ଥିର କରିଦେଉଛନ୍ତି । ନାୟକ ଗାଁକୁ ଫେରି ସବୁ ଜାଣିବା ପରେ ତାଙ୍କର ମନ ଭାଙ୍ଗି ଯାଉଛି । ସେ ଦୁଃଖରେ ଭାଙ୍ଗି ପଡ଼ି ନିଜର ମନର ମାନସୀକୁ ଝୁରି ବେଦନା ଜଣାଉଛି । ପାଖାପାଖି ୩୨ ବର୍ଷ ତଳେ ଏହି ଗୀତଟି ରେକର୍ଡ଼ିଂ ହୋଇଥିଲା ଆଜିର ସାର୍ଥକ ମ୍ୟୁଜିକ କମ୍ପାନୀ ବ୍ୟାନରରେ । ଏହି ଗୀତଟିର କଣ୍ଠଶିଳ୍ପୀ ଥିଲେ ଜୟପୁର ସହରର ଜଣେ ଜଣାଶୁଣା ଆଇନଜୀବୀ ଓ ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ସ୍ୱର୍ଗତଃ ସତ୍ୟନାରାୟଣ ଅଧିକାରୀ । ସ୍ୱର୍ଗତଃ ଅଧିକାରୀ ଏହାକୁ ନିଜେ ଲେଖିବା ସହ କଣ୍ଠଦାନ କରିଥିଲେ ।

୧୯୯୨ ମସିହାରେ ସ୍ୱର୍ଗତଃ ସତ୍ୟନାରାୟଣଙ୍କ ଏହି ବାଲିଫୁଲ କ୍ୟାସେଟ ରେକର୍ଡ଼ିଂଟି ହୋଇଥିଲା ଯେଉଁ ସମୟରେ ଆଜିକାଲି ପରି ସୋସିଆଲ ମିଡ଼ିଆର ଅତ୍ୟାଧୁନିକ ସଂଗୀତର ବ୍ୟବସ୍ଥା ନଥିଲା ଯାହା ଟେପ ରେକର୍ଡ଼ର ମାଧ୍ୟମରେ ଗୀତ ଶୁଣିବା ହେଉଥିଲା । ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୪ରେ ସମ୍ବଲପୁରର ମାନଭଞ୍ଜନ ନାୟକଙ୍କୁ ନେଇ ଏହି ଗୀତର ଭିଡ଼ିଓ ମଧ୍ୟ ପ୍ରସ୍ତୁତ ହୋଇଥିଲା । ଯେଉଁଥିରେ ବିଭୂତି ଭୂଷଣ ବିଶ୍ୱାଳ ବେଶ ହୃଦୟସ୍ପର୍ଶୀ ଅଭିନୟ କରି ନିଜର ମନର ମାନସିକୁ ଝୁରି ହୋଇ ବେଦନା ଜଣାଉଥିବାର ନିଖୁଣ ଅଭିନୟ କରିଥିଲେ । ବର୍ତ୍ତମାନ ସମୟରେ ଗାଁରୁ ସହର ସବୁଠି ହଜାର ହଜାର ଯୁବ ବର୍ଗ ଏହି ହିଟ ଗୀତକୁ ନେଇ ନିଜେ ରିଲ ପ୍ରସ୍ତୁତ କରି ମୋବାଇଲରେ ଛାଡୁଛନ୍ତି । ସେ ସମୟରେ 'ବାଲିଫୁଲ'ରେ ଆଠଟି ଗୀତକୁ ନେଇ କ୍ୟାସେଟଟି ତିଆରି ହୋଇଥିଲା । ଚାରଟି ଗୀତ ସୁପରହିଟ ପର୍ଯ୍ୟାୟକୁ ଯାଇଥିଲା ଏହି ଗୀତଟି ଓଡ଼ିଶା ଅପେକ୍ଷା ସେତେବେଳେ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଚହଳ ସୃଷ୍ଟି କରିଥିଲା । ସାଉଥ ଓ ତାମିଲ ଫିଲ୍ମରେ ମଧ୍ୟ ଏହି ଗୀତଟି ବ୍ୟାପକ ଲୋକାଦୃତ ହୋଇଥିଲା । ଓଡ଼ିଶାର ପ୍ରାଚୀନ ପରମ୍ପରା, ନାଚଗୀତ ଓ ଅନେକ ସଂସ୍କୃତି ଆଜି ମଧ୍ୟ ଏକ ପ୍ରକାର ପ୍ରଚାର ପ୍ରସାର ଅଭାବରୁ ସମୟର ଉହାଡ଼ରେ ରହି ଯାଉଛି । ଆମ ସମୟରେ ଏତେ ପୁରୁଣା ଗୀତଟି ବର୍ତ୍ତମାନ ସମୟରେ ସୋସିଆଲ ମିଡ଼ିଆରେ ଯେଉଁପରି ଟ୍ରେଣ୍ଡରେ ହଇଚଇ ସୃଷ୍ଟି କରିଛି ତାହା ପ୍ରମାଣିତ କରିଛି ଯେ ସଂଗୀତର ଅନ୍ତରାର୍ଥ ଓ ଭାବସ୍ପର୍ଶୀ ଯାଦୁ ଦିନେ ନା ଦିନେ ଶ୍ରୋତାବର୍ଗଙ୍କୁ ବାନ୍ଧିପାରିବ । ସ୍ୱର୍ଗତଃ ସତ୍ୟନାରାୟଣ ଅଧିକାରୀଙ୍କ ପରି ଅନେକ ଯୁବ କଣ୍ଠଶିଳ୍ପୀ ଏବେ ବି ସେମାନଙ୍କ କଣ୍ଠର ଯାଦୁକୁ ପ୍ରଚାର ପ୍ରସାର କରିବା ପାଇଁ ସମର୍ଥ ହୋଇପାରୁନାହାଁନ୍ତି । ସେମାନଙ୍କ ପାଇଁ ପ୍ରେରଣା ଓ ପୃଷ୍ଠପୋଷକତା ନିଶ୍ଚିନ୍ତ ଜରୁରୀ । ଆମ୍ଭ ମାନଙ୍କର ଭଲ ପାଇବା ରହିଲେ ଅନେକ ଏପରି ଚର୍ଚ୍ଚିତ ଗୀତ ଲୋକଲୋଚନକୁ ଆସିପାରିବ । ଗୀତର ପ୍ରେମିକଟି ହୁଏତ ତା ନାୟିକାକୁ ପାଇପାରିନି, ତାର ବିରହ ବେଦନା ଭିତରେ ସେ ଆରମ୍ଭ କରିଛି 'ଛି ଛି ଛିରେ ନନୀ ଛି' କିନ୍ତୁ ସୋସିଆଲ ମିଡ଼ିଆରେ ଛିନଛତର କରିଦେଇଛି ନବେ ଦଶକର ଏହି ଦେଶୀଆ ଗୀତ ଛି ଛି..... ।

'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ, E-mail :
anupama123bhuyan@gmail.com



# ବାହାଡ଼ାଝୋଲା ହାଇସ୍କୁଲ ପୁରାତନ ଛାତ୍ର ସଂସଦଙ୍କ ୬୦ ତମ ବାର୍ଷିକ ଉତ୍ସବ

ନୂଆଗାଁ ବ୍ଲକ, ୨୧।୧:ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପଞ୍ଚାୟତ ର ବାହାଡ଼ାଝୋଲା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ପକ୍ଷରୁ ୬୦ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥି ନେଇ ରବିବାର ଦିନ ବାହାଡ଼ାଝୋଲା ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ କୁ ଛାତ୍ର ସଂସଦ ର ସଭାପତି ଡ. ସୁଶିଲ କୁମାର ମହାପାତ୍ର, ସମ୍ପାଦକ - ଶ୍ରୀଯୁକ୍ତ ଲଳିତ ମୋହନ ସାହୁ,ସହ ସଂପାଦକ - ଶ୍ରୀଯୁକ୍ତ ନାରାୟଣ ବେହେରା,କୋଷାଧକ୍ଷ - ଶ୍ରୀଯୁକ୍ତ ବଳରାମ ସାହୁ ପ୍ରମୁଖ ପରି ଚାଳନା କରିଥିଲେ । ଏହି ବିଦ୍ୟାଳୟ ର ଅବସର ପ୍ରାପ୍ତ ପୁରାତନ ଶିକ୍ଷକ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସୁବୁଦ୍ଧି,ଶ୍ରୀଯୁକ୍ତ ଗୋପୀନାଥ ସାହୁ,ସତ୍ୟ ନାରାୟଣ ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କ ଗହଣରେ ରହି ଉତ୍ସବର ମାହୋଲ କୁ ଦ୍ୱିଗୁଣିତ କରିଥିଲେ । ବିଦ୍ୟାଳୟର ବର୍ତ୍ତମାନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଜୟ କୁମାର ଚୌଧୁରୀ ଏବଂ ସହକାରୀ ଶିକ୍ଷକ ଆନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଏବଂ ବିଭିନ୍ନ ସ୍ଥାନରେ ଅବସ୍ଥାନ କରୁଥିବା ବିଦ୍ୟାଳୟ ର ପୁରାତନ ଛାତ୍ର ଛାତ୍ରୀ ମାନେ ଦୁର ଦୁରାନ୍ତ ରୁ ଆସି ପୁରାତନ ଛାତ୍ର ସଂସଦ ର ୬୦ ତମ ବାର୍ଷିକ ଉତ୍ସବରେ ଯୋଗ ଦେଇ ପରସ୍ପର ମଧ୍ୟରେ ଭାବର




ଆଦାନ ପ୍ରଦାନର କରିବା ସହ ଭୋଜି ଭାତର ଆସର ଭିତରେ ଉତ୍ସବକୁ ସଫଳ ରୂପାୟନ କରିଥିଲେ । ଏହି ପୁରାତନ ଛାତ୍ର ସଂସଦ ର ୬୦ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ , ସଂସଦ ର ନୂତନ କମିଟି ଗଠନ ମଧ୍ୟ କରାଯାଇଛି, ସଂସଦର ଆଜୀବନ ସଭାପତି ଭାବେ ଡ. ସୁଶିଲ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସେନାପତି,ଉପ-ସଭାପତି ଶ୍ରୀଯୁକ୍ତ ନାରାୟଣ ବେହେରା,ସାଧାରଣ ସମ୍ପାଦକ - ଶ୍ରୀଯୁକ୍ତ ମନୋଜ କୁମାର ସେନାପତି, ସମ୍ପାଦକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ସାହୁ,ସହ-ସମ୍ପାଦକ ଶ୍ରୀଯୁକ୍ତ ସଚ୍ଚିକାନ୍ତ ସାହୁ,କୋଷାଧକ୍ଷ - ଶ୍ରୀଯୁକ୍ତ ଗୌରହରି ସାହୁଙ୍କୁ ସର୍ବସମ୍ମତ କ୍ରମେ ଚୟନ କରାଯାଇଥିବା ବେଳେ, ସଂସଦର ପରିଚାଳନା କମିଟି ର ସଭ୍ୟା ଭାବେ ଶ୍ରୀ ଯୁଗଳ କିଶୋର ସାହୁ, ପ୍ରଶାନ୍ତ କୁମାର ସାହୁ, ଭଗବାନ ସାହୁ,ମଦନ ମୋହନ ମହାପାତ୍ର, ଡ.ରତିକାନ୍ତ ସାମଲ,ପ୍ରମୋଦ କୁମାର ସାହୁ,ଦିଲ୍ଲିପ କୁମାର ନାୟକ ଏବଂ ଶେଷଦେବ ସାହୁ ପ୍ରମୁଖ ଙ୍କୁ ବଛା ଯାଇଥିବାର ଜାଣିବାକୁ ମିଳିଛି । ସାଂସଦ ର ବାର୍ଷିକ ଉତ୍ସବରେ ଦିର୍ଘ ବର୍ଷ ତଳର ପୁରୁଣା ସାଙ୍ଗ ମାନଙ୍କୁ ଏକାଠି ପାଇ ନିଜ ନିଜର ପିଲାଦିନର ସ୍ମୃତି ଓ ବିଦ୍ୟାଳୟରେ ଛାତ୍ର ଜୀବନର ସ୍ମୃତି କୁ ମନେ ପକାଇବା ସହ ଏକ ଭାବ ବିହ୍ୱଳ ପରିସ୍ଥିତି ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଥିଲା ।

## ଗୋପରାମ ହଂସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ତୃତୀୟ ଦିବସ-ବଙ୍ଗୋମୁଣ୍ଡା ବିଜୟୀ

ବଙ୍ଗୋମୁଣ୍ଡା, ୨୧।୧:ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ଖେଳପଡିଆ। ଠାରେ ସ୍ୱାମୀ ବିବେକାନନ୍ଦ ପାଠାଗାର,ଏଥଲେଟିକ୍ସ ଏସୋସିଏସନ ବଙ୍ଗୋମୁଣ୍ଡା ପକ୍ଷରୁ ପ୍ରଥମ ବର୍ଷ ଗୋପରାମ ହଂସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ତୃତୀୟ ଦିବସ ରେ ପହଞ୍ଚିଛି । ତୃତୀୟ ଦିବସରେ ମୁଖ୍ୟ ଅତିଥି ରୂପେ ଯବାନ ଜଗନ୍ନାଥ ନାଗ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ତୃତୀୟ ଦିବସ ମ୍ୟାଚ ବଙ୍ଗୋମୁଣ୍ଡା ଓ କଣ୍ଟାମାଲ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ସଂଘର୍ଷ ପୂର୍ଣ୍ଣ ଭାବେ ଖେଳ ହୋଇଥିବା ବେଳେ କଣ୍ଟାମାଲ କୁ ପରାସ୍ତ କରି ବଙ୍ଗୋମୁଣ୍ଡା ଦଳ ସେମିଫାଇନାଲରେ ପହଂଚିଛି । ଆୟୋଜକ କମିଟିର ଡବ୍ଲୁ ହଂସ, ଯତୀନ ସିନ୍ଦୁର, ମଣ୍ଟୁ ସରାଫ,ମଣ୍ଟୁ ଟାଣି,ଦିବସ ମାଝୀ, ଶଶାଙ୍କ ଶେଖର ଦାସ ଯାଦବ,ସୁଧୀର ବାଗ,ଦିବ୍ୟସିଂ ନାଏକଙ୍କ ସହ ଆୟୋଜକ କମିଟି ସହଯୋଗ କରିଥିଲେୟ ଆଶୀର୍ବାଦ ସା ରେଫରୀ ଓ ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା, ଲାଇନ ମ୍ୟାନ ଭାବରେ ଖେଳ ପରିଚାଳନା କରିଥିଲେ ।ରଶ୍ମିକାନ୍ତ ସିନ୍ଦୁର ଚତୁର୍ଥ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ ୟ ଘନଶ୍ୟାମ ମନହୀରା ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା ଜାନୁଆରୀ ୨୬ ତାରିଖ ଦିନ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି ।

# ଗଣତନ୍ତ୍ରଦିବସ ଉପଲକ୍ଷେ ସ୍ୱତନ୍ତ୍ର ଅତିଥି ଭାବେ ଗଞ୍ଜାମରୁ ୨ ଜଣ ଦିଲ୍ଲୀ ଗସ୍ତ

ଛତ୍ରପୁର, ୨୧।୧: ଆସନ୍ତା ଜାନୁଆରୀ ୨୬ ତାରିଖରେ ଭାରତବର୍ଷର ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁ ସ୍ଥାନରେ ଗଣତନ୍ତ୍ରଦିବସକୁ ଧୁମ୍ଧାମରେ ପାଳନ ହେବାକୁଯାଉଛି ୟ ଏହି ଅବସରରେ ନୂଆ ଦିଲ୍ଲୀ ସ୍ଥିତ ପ୍ୟାରେଡ୍ ପଡିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ପତାକା ଉତୋଳନ କରି ଦେଶବାସୀଙ୍କୁ ଉଦ୍ବୋଧନ ଦେବେ । ଏହି କାର୍ଯ୍ୟକ୍ରମରେ ଓଡିଶାରୁ ୧୨ ଜଣ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି । ସେଥିରୁ ଗଞ୍ଜାମ ଜିଲ୍ଲାର ୨ ଜଣ ବ୍ୟକ୍ତି ରହିଛନ୍ତି । ସେମାନେ ହେଲେ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମ୍ୟ ଜଳପରିମଳ କମିଟିର ସଂପାଦକ ଟୁନା ଜେନା(୫୧) ଏବଂ କନିଷି ଗ୍ରାମ୍ୟ ଜଳପରିମଳ କମିଟିର ସଭାପତି ସନ୍ କୁମାର ନାୟକ(୪୯) ।ଆଜି ଅପରାହ୍ନରେ ଜିଲ୍ଲାର ୨ ଜଣ ସ୍ୱତନ୍ତ୍ର ଅତିଥିଙ୍କୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ ତାଙ୍କରି ଯାତ୍ରା ଶୁଭମୟ ହେଉ ବୋଲି କାମନା କରାଯାଇଛି । ଜିଲ୍ଲା ପରିଷଦ ପରିସରରେ ଆୟୋଜନ



କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ମଧୁମିତା ଦିଲ୍ଲୀ ପ୍ୟାରେଡ୍ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାକୁ ଥିବା ଟୁନା ଜେନା ଓ ସନ୍ କୁମାର ନାୟକଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ତାଙ୍କରି ଯାତ୍ରାର ମଙ୍ଗଳ ହେଉବୋଲି ଶୁଭେଚ୍ଛା ଜଣାଇଥିଲେ । ବ୍ରହ୍ମପୁର ଡିଭିଜନ ଜଳପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ବିକାଶ ପତି, ରଙ୍ଗେଇଲୁଣ୍ଡା ବ୍ଲକ କନିଷ୍ଠ ଯନ୍ତ୍ରୀ ସିମାଂଚଳ ସାହୁ, ଗଞ୍ଜାମ ଜିଲ୍ଲା ସଂଯୋଜିକା ନମିତା ନାହାକ, ଜିଲ୍ଲା ପରିଷଦର ପ୍ରୋଗ୍ରାମ ମ୍ୟାନଜର ସୌମ୍ୟରଞ୍ଜନ ହୋତା ଓ ବାଣି ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ନିୟମନୁସାରେ ଗ୍ରାମ୍ୟ ଜଳପରିମଳ କମିଟିର ସଦସ୍ୟ ଭାବେ ଗ୍ରାମରେ ସଠିକ୍ ଭାବେ ଜଳଯୋଗାଣ ବ୍ୟବସ୍ଥାକୁ ସୁପରିଚାଳନା କରିଥିବାରୁ ଆଜି ପଲ୍ଲୀରୁ ଦିଲ୍ଲୀ ଯିବାକୁ ସୁଯୋଗ ମିଳିଛି । ଏଥିପାଇଁ ଦେଶର ପ୍ରଧାନମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ଠାରେ କୃତଜ୍ଞତା ଜଣାଉଛୁ ବୋଲି ଦିଲ୍ଲୀ ପ୍ୟାରେଡ୍ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାକୁ ଗସ୍ତ କରୁଥିବା ଟୁନା ଜେନା ଓ ସନତ କୁମାର ନାୟକ ତାଙ୍କରି ପ୍ରତିକ୍ରିୟାରେ କହିଛନ୍ତି ।

# ଜୁଆ ଆଡ୍ଡା ଉପରେ ନୟାଗଡ଼ ପୋଲିସ ଚଢାଉ

ନୂଆଗାଁ/ଓଡ଼ଗାଁ , ୨୧।୧:ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଧିନସ୍ତ ରୋହିବାଙ୍କ ପଞ୍ଚାୟତର କାଜୁ ଜଙ୍ଗଲରେ ଚାଲିଥିବା ଜୁଆ। ଆଡ୍ଡା ଉପରେ ନୟାଗଡ଼ ପୋଲିସର ବଡ଼ ଧରଣର ଛଡାଉ । ଦୀର୍ଘ ଦିନଧରି ରୋହିବାଙ୍କ ନିକଟସ୍ଥ କାଜୁ ଜଙ୍ଗଲରେ ଜୁଆ। ଆଡ୍ଡା ଚାଲୁଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ନୟାଗଡ଼ ଏସ.ପି ଏସ.ସୁଶ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଟାଉନ ଥାନା ପୋଲିସ ସହାୟତାରେ ବିଳମ୍ବିତ ରାତ୍ର ଜୁଆ। ଆଡ୍ଡା ଉପରେ



ଅଚାନକ ଛଡାଉ କରି,ପୋଲିସ ଘଟଣାସ୍ଥଳ ରୁ ୨୦ ଜଣ ଯୁଆଡ଼ିଙ୍କୁ ଗିରଫ କରିବା ସହ ,କୋଡ଼ିଏଟି ବାଇକ,ଗୋଟିଏ କାର ସମେତ ୨ ଲକ୍ଷରୁ ଉର୍ଦ୍ଧ ଟଙ୍କା ଜବତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ନୟାଗଡ଼ ଏସ. ପି ଏସ.ସୁଶ୍ରୀ । ପୋଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି ନୟାଗଡ଼ ଏସ.ପି ,ଏସ.ସୁଶ୍ରୀୟ ଓଡ଼ଗାଁ ଆଦର୍ଶ ଥାନା ଅଧିନସ୍ତ ରୋହିବାଙ୍କ ପଞ୍ଚାୟତ ଅଞ୍ଚଳ ରେ ଗଞ୍ଜାମ,ଫୁଲବାଣୀ ଅଞ୍ଚଳ ରୁ ଯୁଆଡି ମାନେ ଆସି ଦୀର୍ଘ ଦିନ ହେଲା ଜୁଆ। ଖେଳୁଥିବା ବେଳେ, ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବ୍ୟାହତ ହେଉଥିବାର ଅଭିଯୋଗ ହୋଇଆସୁଥିଲା । ଆଉମଧ ଦୀର୍ଘ ଦିନ ହେଲା ସ୍ଥାନୀୟ ଜନ ପ୍ରତିନିଧି ଙ୍କ ଜାଣତରେ ଏହି ପଞ୍ଚାୟତର ବିଭିନ୍ନ କାଜୁ ଜଙ୍ଗଲ ମଧ୍ୟରେ ଜୁଆ। ଆଡ୍ଡା ଚାଲୁଥିବା ନେଇ ସାଧାରଣ ରେ ଆଲୋଚନା ହେଉଛି ।

## ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସାମୁହିକ ବ୍ରତୋପନୟନ

କେନ୍ଦ୍ରାପଡା, ୨୧।୧:ତୁଳସୀକ୍ଷେତ୍ର ପଣ୍ଡିତସଭା ଆନୁକୂଲ୍ୟରେ ସାମୁହିକ ବ୍ରତୋପନୟନ ତଳବାରଙ୍ଗସ୍ଥିତ ଶ୍ରୀ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ସାମୂହିକ ବ୍ରତୋପନୟନରେ ବିଲବଳରାମପୁରର ଦୀପ୍ତି ରଞ୍ଜନ କର, ଗରଦପୁରର ଦିବ୍ୟଦର୍ଶନ ପତି, ଜଜାଙ୍ଗର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଆଳି, ନେମାଳର ସଞ୍ଜୟ ଦୀକ୍ଷିତ, ପଟ୍ଟାମୁଣ୍ଡାଇ-ଅଣ୍ଡରା ଗ୍ରାମର ସୁଧାଂଶୁ ଶେଖର ପଣ୍ଡା ବ୍ରହ୍ମଚାରୀ ଭାବରେ ଉପବୀତ ଗ୍ରହଣ କରିଛନ୍ତି । ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଉପଦେଷ୍ଟା ପଣ୍ଡିତ କେଶବ ଚନ୍ଦ୍ର ପତ୍ରୀ, ସଭାପତି ପଣ୍ଡିତ ଧ୍ରୁବ ଚରଣ ପଣ୍ଡା, ଉପ ସଭାପତି କୃଷ୍ଣାନନ୍ଦ ପଣ୍ଡା, ସମ୍ପାଦକ ପଣ୍ଡିତ ସତ୍ୟନାରାୟଣ ପତିଙ୍କ ସମେତ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ତତ୍ତ୍ୱାବଧାନରେ ସମସ୍ତ ଶୁଭକର୍ମ ସମାପନ କରାଯାଇଛି । ଉକ୍ତ ବ୍ରତୋପନୟନ କାର୍ଯ୍ୟରେ ଶ୍ରୀଗୋପୀନାଥଜୀଉ ଯୁବକ ସଂଘ ଓ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ସଭ୍ୟ ନୃସିଂହ ଚରଣ ତ୍ରିପାଠୀ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ ।

# ୨୯ ତମ ଜିଲ୍ଲାସ୍ତରୀୟ କନିଷ୍ଠ ରେଡ୍କ୍ରସ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ

ଭଦ୍ରକ, ୨୧।୧:ଦୁଇ ଦିବସିୟ ୨୯ ତମ କନିଷ୍ଠ ରେଡ୍କ୍ରସ ପ୍ରଶିକ୍ଷଣ ଓ ଅଧ୍ୟୟନ ତଥା ତାଲିମ ଶିବିର ଚୁନଟୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସର ଉଦ୍ଘାଟନ ସମାରୋହରେ ଜିଲ୍ଲାଶିକ୍ଷାଧିକାରୀ ଅକ୍ରୁର ବାରିକ୍ଙ୍କ ମାର୍ଗଦର୍ଶନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ବରେଣ୍ୟ ଅତିଥି ବୃନ୍ଦ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ ନାୟକ, ବାସୁଦେବପୁର ବ୍ଲକ ଶିକ୍ଷାଧିକାରୀ ଡଃ ଜଗବନ୍ଧୁ ସାହୁ, ଜୁନିୟର ରେଡ୍କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ ଜେ.ଆର.ସି. ସମ୍ପାଦକ ରାଜେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଭୀମଚରଣ ପରିଡ଼ା, ଉପସଭାପତି ଉମେଶ ମାଝି, ବିଦ୍ୟାଳୟ ଆଲୁମିନି ସଭାପତି ରତ୍ନାକର ସାମଲ, ସ୍ଥାନୀୟ ସରପଞ୍ଚ ଉର୍ମିଳା ଜେନା, ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ସୋମନାଥ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସାଇଲକ୍ଷ୍ମୀ ନାୟକ, ଦିପ୍ତୀମୟୀ ସାହୁ, ହେମନ୍ତ ସୁତାର, ଭାଗବତ ସୁତାର ପ୍ରମୁଖ ଉଦ୍ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ତାଲିମ୍ ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୪୩ ଶିକ୍ଷକ/ଶିକ୍ଷୟିତ୍ରୀ ଓ ୬୬୩ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେ.ଆର.ସି.ର ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ସମରେନ୍ଦ୍ର ମିଶ୍ର, ଅଜୟ ମହାରଣା, ଧର୍ମେନ୍ଦ୍ର ବେହେରା, ତରଣୀ ସେନ ଜେନା, ସରୋଜିନି ମିଶ୍ର, ଶାନ୍ତିଲତା ପଣ୍ଡା, ଲିଜା ଦାସ, ସୁଶାନ୍ତ ବିଶ୍ୱାଳ, ମହେଶ୍ୱର ବେହେରା, ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ସକ୍ରିୟ ପରିଚାଳନା କରିଥିଲେ।

# ବଗଡା ଶିରିଡି ସାଇ ମନ୍ଦିରରେ ୪ର୍ଥ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୧।୧:କେନ୍ଦ୍ରାପଡା ସହର ଉପକଣ୍ଠ ଗୋପଛକ - ବଗଡା ରାସ୍ତାର ବଡ଼ନାଇଁପୁର ଗ୍ରାମରେ ଥରବା ଶିରିଡି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଆସନ୍ତା ୨୭ ତାରିଖ ସୋମବାର ମହା ଆଡମ୍ବରରେ ପାଳନ ହେବାକୁ ସ୍ଥିର କରାଯାଇଛି । ଏହି ଉତ୍ସବ ନିମନ୍ତେ ଶିରିଡି ସାଇ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆସନ୍ତା ୨୭ତାରିଖରେ ଯଜ୍ଞ ଆରମ୍ଭ ହୋଇ ସେହିଦିନ ପୂର୍ଣ୍ଣାହୁତି କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିସହିତ ମଧ୍ୟାହ୍ନରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ପ୍ରସ୍ତୁତି ବୈଠକରେ ଶିକ୍ଷକ ପ୍ରତାପ କୁମାର ନାୟକ, ସମୀର କୁମାର ଚାନ୍ଦ, ହେମନ୍ତ ସାହୁ, ଲକ୍ଷ୍ମୀକାନ୍ତ ବେହେରା, କ୍ଷିତିଶ କୁମାର କର, ଚୈତନ୍ୟ ସ୍ୱାଇଁ, ଅନିଜା ଜେନା, ଲକ୍ଷ୍ମୀପ୍ରିୟା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ମନ୍ଦିର ପୂଜକ ସମ୍ବିତ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘୋରଡ଼ିଆ ପ୍ରାଥମିକ ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ

ଡେଲାଙ୍ଗ, ୨୧।୧:ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡ଼ିଆ। ପ୍ରାଥମିକ ସେବା ସମବାୟ ସମିତିରେ ଚଳିତ ଖରିଫ ଋତୁ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଏଥିରେ ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ,ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ଛୋଟରାୟ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିସଙ୍କ, ଉପାଧ୍ୟକ୍ଷ ଦୁବାସା ନିସଙ୍କ, ଅକ୍ଷୟ କୁମାର ପରିଡା, ଆର୍ଏମ୍ସିର ରଞ୍ଜନ କୁମାର ସାହୁ, ପୂର୍ବତନ ସମ୍ପାଦକ ଦୀପକ କୁମାର ପରିଡାଙ୍କ ପ୍ରମୁଖ ଯୋଗଦେଇ ଧାନମଣ୍ଡିକୁ ଶୁଭ ଉଦ୍ଘାଟନ କରିଥିଲେ । ଘୋରଡ଼ିଆ। ପ୍ରାଥମିକ କୃଷି ସେବା ସମବାୟ ସମିତିର ସମ୍ପାଦକ ତୃପ୍ତିମୟୀ ମାର୍ଥା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ସୁରେନ୍ଦ୍ର ବଳିୟାରସିଂହ, ଦିଲ୍ଲିପ କୁମାର ଧାଉଡ଼ିଆ, ରାଜକିଶୋର ମାର୍ଥା, ପ୍ରକାଶ ସାମନ୍ତସିଂହାର, ମାଗୁ ନିଶଙ୍କ, ମହନ୍ତ ମଙ୍ଗରାଜ, ପ୍ରତାପ ରାଉତରାୟ, କୃଷକ ନେତା ପ୍ରଦୀପ ବଳିୟାରସିଂହ, ଅଜୟ ମାର୍ଥା, ସମିତି ସଭ୍ୟା ଅର୍ଣ୍ଣପୂର୍ଣ୍ଣା ରଣଜିତ, ସରପଞ୍ଚଙ୍କ ପ୍ରତିନିଧି ଦୁଃଶାସନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଜିକୃତ ୧୮ ଜଣ ଚାଷୀଙ୍କ ଠାରୁ ୬୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି ।

# ଦ୍ୱିତୀୟ ପର୍ଯ୍ୟାୟରେ କାକଟପୁର ବ୍ଲକର ଅବଶିଷ୍ଟ ମଣ୍ଡି ଉଦ୍ଘାଟିତ

କାକଟପୁର, ୨୧।୧:ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ନିର୍ଦ୍ଦେଶ କ୍ରମେ କାକଟପୁର ବ୍ଲକର ଅବଦାନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିତ୍ରେଶ୍ୱରୀ ସେବା ସମବାୟ ସମିତିର ସଭାପତି ଲକ୍ଷ୍ମୀଧର ବେହେରା,ସମ୍ପାଦକ, ଯୁବ ଲେଖକ ତଥା ସାହିତ୍ୟିକ ଶଶୀଭୂଷଣ ମିଶ୍ର, ନୋଡାଲ ଅଧିକାରୀ ବିଜୟ କୁମାର ମହାନ୍ତି ଓ ଚାଷୀ ମାନଙ୍କ ଉପସ୍ଥିତିରେ ବିଧି ମୁତାବକ ପୂଜାର୍ଚ୍ଚନା କରାଇ ୨୦ଜଣ ଚାଷୀଙ୍କ ଠାରୁ ୫୦୦



କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା । ବାଙ୍ଗୁରୀଗାଁ ସେବା ସମବାୟ ସମିତିର ସଭାପତି ବିଜୟ ଖଟୋଇ, ସମ୍ପାଦକ ସୁନାକର ରାଉତ,ନୋଡାଲ ଅଧିକାରୀ ଓ ଚାଷୀମାନଙ୍କ ଉପସ୍ଥିତିରେ ୧୮ଜଣ ଚାଷୀଙ୍କ ଠାରୁ ୪୦୦କ୍ୱିଣ୍ଟାଲ, ବିଭୂତିପୁର ସେବା ସମବାୟ ସମିତିର ସଭାପତି ପବିତ୍ର କୁମାର ଚନ୍ଦ, ସମ୍ପାଦିକା ରାଣୀ ସାହିବା ପରବିନ୍, ନୋଡାଲ ଅଧିକାରୀ ସରସ୍ୱତୀ ସେନାପତି,ଓଥକା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଓଥକା ସେବା ସମବାୟର ୧୭୮ଜଣ ପଞ୍ଜିକୃତ ଚାଷୀଙ୍କ ଠାରୁ ସମିତିର ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଶୁଭ୍ରାଂଶୁ କୁମାର ରାଉତ ନୋଡାଲ ଅଧିକାରୀ ଓ ନିମାପଡ଼ା ଆର ଏମ ସି ପକ୍ଷରୁ ଧାନର ମାନ ନିରୁପଣ ଅଧିକାରୀ ଅନୁଚରଣ ପାତ୍ରଙ୍କ ଉପସ୍ଥିତିରେ ସମସ୍ତ ସମିତି ଗୁଡିକରୁ ଧାନ ସଂଗ୍ରହ କରାଯାଇଥିଲା । ଅନ୍ୟପକ୍ଷରେ ଗମ୍ଭାରିପଦା ସେବା ସମବାୟ ସମିତିରୁ ଆସନ୍ତା କାଲି ପଞ୍ଜିକରଣ କରିଥିବା ୧୫୮ଜଣ ଚାଷୀଙ୍କ ଠାରୁ ସରପଞ୍ଚ ରୀନା ନାୟକ, ସଭାପତି ଅମିତ ବିକ୍ରମ ଖୁଣ୍ଟିଆ। ଓ ନୋଡାଲ ଅଧିକାରୀଙ୍କ ଉପସ୍ଥିତିରେ ଧାନ ସଂଗ୍ରହ କରାଯିବା ବୋଲି ସମିତିର ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ଠାରୁ ପ୍ରକାଶ ।

# କମ୍ପାନୀ ମ୍ୟାନେଜମେଣ୍ଟ ଏବଂ ଦଲାଲି ଶ୍ରମିକ ସଂଗଠନକୁ ଚେତାବନୀ ଦେଲେ ସର୍ବଭାରତୀୟ ଶ୍ରମିକ ନେତା ତନ୍ମୟ ଜେନା

ପାରାଦ୍ୱୀପ, ୨୧।୧:ପାରାଦ୍ୱୀପ ରେ ଥିବା ଶିଳ୍ପ ସଂସ୍ଥା ମାନଙ୍କରେ ଶ୍ରମିକ ନିର୍ଯାତନା କୁ ଆଉ ବରଦାସ୍ତ କରାଯିବନାହିଁ । ପି ଆଇ ସି ଟି ରେ ଯୋଉଭଳି ଏଚ୍ ଆର୍ ପରିବର୍ତ୍ତନ ଚାଲ ଚଲାଉଛି ଅଉ ସେ ଚାଲ ଚାଲିବ ନାହିଁ ବୋଲି ରୋକ ଠୋକ କହିଛନ୍ତି ।ସର୍ବଭାରତୀୟ ଶ୍ରମିକ ନେତା ତନ୍ମୟ ଜେନା ଶ୍ରମିକ ମାନଙ୍କ ଭିତରେ ମତାନ୍ତର କରାଇ ମ୍ୟାନେଜମେଣ୍ଟର ହାତ ବାରିସୀ ସାଜି କିଛି ଶ୍ରମିକ ସଂଗଠନ ଯୋଉ ଖେଳ ଖେଳୁ ଥିଲେ ସେ ସମୟ ସରିଗଲା । ଏଥର ଯିଏ ତାଙ୍କ ସହ ଟକ୍କର ଦେବ ଧୂଳିସାତ କରିଦେବେ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି । ଶ୍ରମିକ ନିଜର ଗୁରୁତ୍ୱ ବୁଝନ୍ତୁ ଏବଂ ଏକତା ବଜାଇ ରଖିଲେ ଇଫକୋ ଭଳି ଆଇ ଓ ସି ଏଲ ରେ ଶ୍ରମିକ ମାନଙ୍କୁ ସୁବିଧା ମିଳିବା କିଛି ବିଚିତ୍ର କଥା ନୁହଁ ବୋଲି କହିଥିଲେ । ଯଦି ମ୍ୟାନେଜମେଣ୍ଟ ଶ୍ରମିକ ମାନଙ୍କ ହକ୍ ନ ଦିଏ ତେବେ ପକେଟରୁ ଭିଡି ନେବେ ବୋଲି ରୋକ ଠୋକ କହିଛନ୍ତି ଶ୍ରୀ ଜେନା ଆଉ ଯିଏ ଧୋକା ଦେବ ତାକୁ ମଧ୍ୟ ମୁଁ ତୋଡ ଜବାବ ଦେବେ ବୋଲି କହିଛନ୍ତି । ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ସ୍ୱର୍ଗତ ଜେନା ସାହେବ ଯୋଉଭଳି କାର୍ଯ୍ୟ କରୁଥିଲେ ସେଇ ଭଳି କାର୍ଯ୍ୟ ତାଙ୍କ ସଂଗଠନ କରିବ ବୋଲି ଖୁଲମ ଖୁଲା କହିଥିଲେ । ସେହିପରି ପାରାଦ୍ୱୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିଅନ ର ସାଧାରଣ ସମ୍ପାଦକ ସନାତନ ବେହେରା ମଧ୍ୟ ଦଲାଲି ଶ୍ରମିକ ସଂଗଠନ ଏବଂ ଆଇ ଓ ସିଏଲ, ପି ଆଇ ସି ଟି, ପି ପି ଏଲ ମ୍ୟାନେଜମେଣ୍ଟ କାର୍ଯ୍ୟ କଳାପ ଉପରେ ଅତର୍କିତ ବର୍ଷିବା ସହ ଶ୍ରମିକ ମାନଙ୍କ ସମସ୍ୟା ଉପରେ ୟୁନିଅନ ର ସଭାପତି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗ ଦେଇ ପଡିଆ। ତଡା ନେତା ଭାବେ ସେ ନିଜକୁ ପ୍ରତିଷ୍ଠା କରିଛନ୍ତି କିନ୍ତୁ ଅମଳ କରୁଛନ୍ତି ଅନ୍ୟ ନେତା ବୋଲି କହିଥିଲେ ପୁନର୍ବାସ ଥଇଥାନ ନିତି ଇଫକୋ, ଆଇ ଓ ସି ଏଲ , ପି ପି ଏଲ ଜମି ଅଧିକରଣ ରେ ଚାଷୀ ମାନଙ୍କୁ ସେମାନଙ୍କ ଉଚିତ ମୂଲ୍ୟ ପ୍ରଦାନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରି ଥିବାରୁ ନିଜକୁ ଧନ୍ୟ ମନେକରିଛନ୍ତି ।ଶ୍ରୀ ତରାଇ




ଖାଲି ଚାଷୀ ନୁହଁ ବରଂ ଶ୍ରମିକ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଏବଂ ପାରାଦ୍ୱୀପ ରେ କାର୍ଯ୍ୟରତ ଡ଼ି ଏଲ ଆର ମାନଙ୍କ ପାଇଁ କ୍ୱାଟର ପ୍ରଦାନ କରିବାରେ ଶ୍ରୀ ତରାଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶ୍ରମିକ ବଞ୍ଚିଲେ ଶିଳ୍ପ ବଞ୍ଚିବ ତେଣୁ ଶିଳ୍ପ ସଂସ୍ଥା ମାନଙ୍କରେ ଚାଲିଥିବା ଦଲାଲଗିରି ଆଉ ଚାଲିବ ନାହିଁ ଏବଂ ଟଙ୍କା ନେଇ ଠିକାଦାର ଆଉ ମ୍ୟାନେଜମେଣ୍ଟ ଯୋଉ ଭଳି ଶ୍ରମିକ ନିଯୁକ୍ତି କରୁଥିଲେ ସେ ଡାଞ୍ଚା ଆଉ ଚାଲିବ ନାହିଁ ବୋଲି ନିଜ ବିବୃତି ରେ ଶ୍ରୀ ତରାଇ କହିଛନ୍ତି । ଏଠି ୟୁନିଅନ ଟ୍ରେଡ୍ ନାଁ ରେ ଦଲାଲି କରି ଶିଳ୍ପ ସଂସ୍ଥା ର ମ୍ୟାନେଜମେଣ୍ଟ ଠିକାଦାର ଅସାଧୁ ମଧୁ ଚନ୍ଦ୍ରିକା ସାଜି ଯୋଉ ଖେଳ ଚାଲିଥିଲା ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଚରମ ବାଣୀ ଶୁଣାଇ ଛନ୍ତି । ଶ୍ରୀ ତରାଇ ଏଠି ବ୍ୟବସାୟ କରିବାକୁ ଆସି ଶ୍ରମିକ ସଂଗଠନ ନାଁ ରେ ଶ୍ରମିକ ମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ କୁ ବାଟବଣା କରି ନିଜର ସ୍ୱାର୍ଥ ହାସଲ କରି ମ୍ୟାନେଜମେଣ୍ଟ ର ସେଫଟି ଭାଲବ ଭାବେ କାମ କରୁଛନ୍ତି ସେଥିରୁ ନିବୃତ ରହିବାକୁ ସେମାନଙ୍କୁ ଚେତାବନୀ ଦେଇଛନ୍ତି । ଏଠି ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ।କିନ୍ତୁ ଇଫକୋ ଯେମିତି ଶ୍ରମିକ ମାନଙ୍କ କଥା ବୁଝୁଚି ଏଠି ଅନ୍ୟ ଶିଳ୍ପ ସଂସ୍ଥା ଶ୍ରମିକ ମାନଙ୍କ କଥା ବୁଝିବେ ତେବେ ଆନ୍ଦୋଳନ ହେବା ଅର୍ନିବାର୍ଯ୍ୟ ବୋଲି କହିଛନ୍ତି । ସେହିପରି ଏଫ ସି ଆଇ ୟୁନିଅନ ର ଉପସଭାପତି ଆର ଏନ ଦାସ ଆଇ ଓ ସି ଏଲ ଯୋଉ ଭଳି ଶ୍ରମିକ ମାରଣ ନିତି ଅବଲମ୍ବନ କରୁଛି ମୁଁ ତୋଡ ଜବାବ ଦିଆଯିବ ବୋଲି କହିଛନ୍ତି ।ଯଦି ଆଇ ଓ ସି ଏଲ ସହିତ ନୂଆ। ଏଗ୍ରିମେଣ୍ଟ ରେ ସେଟେଲମେଣ୍ଟ ନ ହୁଏ ବହି ଜଳିବ ବୋଲି ଚେତାବନୀ ଦେଇଛନ୍ତି । ବିଜୟ ପାଇବାକୁ ହେଲେ ସହିଦ ହବାକୁ ପଡିବ ତେଣୁ ଶ୍ରମିକ ମାନେ ଏକତା ବଜାଇ ରଖି ପାରିଲେ ଅସାଧ କାର୍ଯ୍ୟ ସାଧନ କରିବାକୁ ସମୟ ଲାଗିବ ନାହିଁ ନିଜ ବିବୃତିରେ କହିଛନ୍ତି ବିଶାଳ ଶୋଭାଯାତ୍ରା ଦେଖି କଣ୍ଟ୍ରାକ୍ଟର ଆଉ ମ୍ୟାନେଜମେଣ୍ଟ ଙ୍କ ଭିତରେ ଛନକା ପଶିବାଟା କିଛି ବିଚିତ୍ର କଥା ନୁହଁ ବୋଲି ଶ୍ରୀ ଦାସ ସିଧା ସିଧା କହିଥିଲେ । ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପ୍ରତି ଶିଳ୍ପ ସଂସ୍ଥା ମାନେ ଦାୟିତ୍ୱବାନ ହୁଅନ୍ତୁ । ବାରମ୍ବାର ଦାବି ଦେବା ପରେ ଯଦି ଶିଳ୍ପ ସଂସ୍ଥାମାନେ ନ ଶୁଣିବେ ତେବେ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯିବ ବୋଲି ଅତିଥି ମାନେ କହିଥିଲେ । ଇଫକୋ କର୍ମଚାରୀ ୟୁନିଅନର ସମ୍ପାଦକ ପରେଶ ପ୍ରଧାନଙ୍କ ସମେତ ବହୁ ଶ୍ରମିକ ନେତା ଯୋଗଦେଇ ଶ୍ରମିକଙ୍କ ବହୁବିଧ ସମସ୍ୟା ଉପରେ ଆଲୋକପାତ କରିଥିଲେ ।



# ନେତାଜୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ଦେଶପ୍ରେମ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧ (ନି.ପ୍ର) : ନେତାଜୀଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍' ପକ୍ଷରୁ ଭାରତବର୍ଷର ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ଅବସରରେ ଦେଶପ୍ରେମ ମହୋତ୍ସବ ଭାବରେ ପାଳନ କରାଯାଉଛି। ଏହି ଅବସରରେ ଫରୱାର୍ଡ଼ ବ୍ଲକ ଓ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ଏହି ଦେଶପ୍ରେମ ମହୋତ୍ସବ ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବକୁ ଅବସରପ୍ରାପ୍ତ ପ୍ରସାଶନିକ ଅଧିକାରୀ ତଥା କବି ରତ୍ନାକର ରାଉତ ନେତାଜୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତାର ୭୭ ବର୍ଷ ପରେ ମଧ ଭାରତବର୍ଷରେ ପୁଞ୍ଜିତନ୍ତ୍ର ରାଜୁତି କରୁଛି। ଯାହା ଫଳରେ ଆମ ଦେଶର ସାଧାରଣ ମଣିଷ ଯନ୍ତ୍ରଣା ଜର୍ଜରିତ ଜୀବନ ଅତିବାହିତ କରିବାକୁ ବାଧ୍ୟହେଉଛି। ସରକାରୀ ଉଦାସୀନତା କାରଣରୁ ଶ୍ରମଜୀବି ମଣିଷ ନିଜ ପରିବାରର ଭରଣପୋଷଣ କରିବାରେ ବ୍ୟର୍ଥ ହେଉଛି। ଶ୍ରମଜୀବି ଜନତାଙ୍କ ସମସ୍ୟାର ସମାଧାନ ପାଇଁ ନେତାଜୀଙ୍କ ପ୍ରଦର୍ଶିତ ମାର୍ଗ ହିଁ ଏକମାତ୍ର ବିକଳ୍ପ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହ ଏହି ପଥର ପଥିକ ହେବା ପାଇଁ ସେ ନିଜ ବକ୍ତବ୍ୟରେ ଆହ୍ୱାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ବିଜୟ ବହିଦାର, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ତଥା ପୂବତଟ ରେଳବାଇର ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ସମ୍ମାନିତ ଅତିଥି ଭାବରେ ଫରୱାର୍ଡ଼ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖି ଦେଶରେ ଅଶିକ୍ଷା, ବେକାରୀ, ଦରଦାମ ବୃଦ୍ଧି ଆଦି ସମସ୍ୟା ଉତ୍କଟ ରୂପ ଧାରଣ କରିବାରେ ଲାଗିଛି ବୋଲି ମତବ୍ୟକ୍ତ କରିଥିଲେ। ବ୍ୟବସ୍ଥାରେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ସାଧାରଣ ମଣିଷଙ୍କର ବିକାଶ ସଂଗଠିତ ହୋଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦେଶପ୍ରେମର ଯେଉଁ ଅନନ୍ୟ ଉଦାହରଣ ଦେଖାଇ ଯାଇଛନ୍ତି ତାହା ସଦାସର୍ବଦା ଦେଶର ଯୁବ ପିଢ଼ିଙ୍କ ପାଇଁ ଅନୁକରଣୀୟ ଓ ଅନୁସରଣୀୟ। ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଯୁବଛାତ୍ର ସମାଜ ସାଧାରଣ ମଣିଷଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରୱାର୍ଡ଼ ବ୍ଲକର ରାଜ୍ୟ ନେତା ଜିତେନ୍ଦ୍ରୀୟ ବେହେରା, ଶମ୍ଭୁପ୍ରସାଦ ମହାନ୍ତି, ଗୟାରାମ ପୂଜାରୀ, ଲକ୍ଷ୍ମୀ ଦୋରା, ଆଜାଦ୍ ହିନ୍ଦ୍ ବାହିନୀର ରାଜ୍ୟ ସମ୍ପାଦିକା ସୁବ୍ରତି ଆଜାଦ୍, ପୂର୍ଣ୍ଣଚନ୍ଦ୍ର ଗଲରି, ଦିଶା ଆଜାଦ୍, ଦୁର୍ଯ୍ୟୋଧନ ପୂଜାରୀ, ପ୍ରମୁଖ ବକ୍ତବ୍ୟ ରଖି ନେତାଜୀଙ୍କ ଆଦର୍ଶରେ ଦେଶପ୍ରେମୀ ଯୁବକଛାତ୍ରମାନେ ଐକ୍ୟବଦ୍ଧ ଅଭିଯାନ ଜାରି ରଖିଲେ, ଦେଶରେ ପରିବର୍ତ୍ତନ ଅବସମ୍ଭାବି ହୋଇପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ସନ୍ଧ୍ୟାରେ ନେତାଜୀ ଭବନ ପରିସରରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। ଆଜି ଉଦ୍‌ଘାଟିତ ହୋଇଥିବା ଏହି ଦେଶପ୍ରେମ ମହୋତ୍ସବ ଆଗାମୀ ତିନିଦିନ ଧରି ଜାରି ରହିବ।




# ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ

ପିପିଲି, ୨୧।୧ (ନି.ପ୍ର) : ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୋଡଙ୍ଗର ୪ର୍ଥ ବାର୍ଷିକ ଉତ୍ସବ ପାଳନ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତୀ ରଶ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ରବିନାରାୟଣ ନନ୍ଦ, ମୁଖ୍ୟ ବକ୍ତାଭାବେ ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ଅତିଥିଭାବେ ସରପ ରଶ୍ମିତା ସେନାପତି, ସମ୍ମାନିତ ଅତିଥୀଭାବେ ପ୍ରାକ୍ତନ ଶିକ୍ଷକ କାଳୁ ମହାରଣା, ସମାଜସେବୀ ବାସୁଦେବ ପଣ୍ଡା, ସିଆରିସିସି ଭଗବାନ ସାହୁ, ବିଦ୍ୟାଳୟର ଆଲୁମିନ ଗୋବିନ୍ଦ ମୁଦୁଲି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗୁଳି ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ କମଳିନି ମୁଦୁଲି ସଭାପରିଚଳନା କରିବା ସହ ଅତିଥୀ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ଅମିତା କର ବିଦ୍ୟାଳୟର ବାର୍ଷିକ ବୀବରଣୀ ପାଠ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଶ୍ରୀଧର ପ୍ରଧାନ, ଶିକ୍ଷୟତ୍ରୀ ପୁଷ୍ପିତା ରଥ, ପ୍ରିତିରେଖା ପ୍ରଧାନ, ରାଧାନାଥ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାର୍ଷିକ କ୍ରିଡା ଉତ୍ସବରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମେଡାଲ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।



# ଡେଲାଙ୍ଗ ବ୍ଲକରେ ୨୧୦ଜଣଙ୍କୁ ସାମାଜିକ ସୁରକ୍ଷା ବର୍ଦ୍ଧିତ ଭତ୍ତା ଟଙ୍କା ବାଣ୍ଟିଲେ ସାଂସଦ ଓ ବିଧାୟକ

ଡେଲାଙ୍ଗ, ୨୧।୧ (ନି.ପ୍ର) : ଡେଲାଙ୍ଗ ବ୍ଲକ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ବର୍ଦ୍ଧିତ ଭତ୍ତା ଟଙ୍କା ବଣ୍ଟନ ମେଳା ସୋମବାର ଅନୁଷ୍ଠିତ ହୋଇଛି। ୮୦ବର୍ଷ ବା ତାଠାରୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ ଭିନ୍ନକ୍ଷମ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୨୪୦୪ଜଣ ହିତାଧିକାରୀମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ୨୧ଟି ପ ।ୟତର ୨୧୦ଜଣଙ୍କୁ ସାମାଜିକ ସୁରକ୍ଷା ବର୍ଦ୍ଧିତ ଭତ୍ତା ୩୫ଶହ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବର୍ଦ୍ଧିତ ଭତ୍ତା ବଣ୍ଟନ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥିଭାବେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ଉପାଧକ୍ଷ ଦୁବାସା ନିସଙ୍କ, ବିଡ଼ିଓ କ୍ଷିତିଶ ଚନ୍ଦ୍ର ବେହେରା ପ୍ରମୁଖ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧୀକାରୀଙ୍କୁ ସାମାଜିକ ସୁରକ୍ଷା ବର୍ଦ୍ଧିତ ଭତ୍ତା ଟଙ୍କା ବଣ୍ଟନ କରିଥିଲେ। ବ୍ଲକ ସାମାଜିକ ମଙ୍ଗଳ ସୁରକ୍ଷା ଅଧିକାରୀ ତପନ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ରାମଚରିତ ମାନସ ନବାହ୍ନ ପାରାୟଣ, କଳସ ଶୋଭାଯାତ୍ରା

ଖଣ୍ଡପଡା, ୨୧।୧ (ନି.ପ୍ର) ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ତୋଟା ହନୁମାନଙ୍କ ପୀଠରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ରାମଦୟା ପରିଷଦ ପକ୍ଷରୁ ଆୟୋଜିତ ୩୭ ତମ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମନ୍ଦିର ପରିସରସ୍ଥିତ ଯଜ୍ଞବେଦୀ ନିକଟରେ ପହଂଚିବା ପରେ ଜଳପୂର୍ଣ୍ଣ କଳସୀ ଗୁଡ଼ିକ ସେଠାରେ ସ୍ଥାପନ କରାଯାଇଥିଲା। ଆଖପାଖ ଗ୍ରାମର ଇଷ୍ଟ ଦେବା ଦେବୀଙ୍କୁ ବିମାନ ଯୋଗେ ପାଟପଟୁଆରରେ ଯଜ୍ଞସ୍ଥଳୀ ପରିସରକୁ ନିମନ୍ତ୍ରଣ କରାଯାଇଥିଲା। ଏ ଅବସରରେ ଅଧିବାସ, ଅଙ୍କୁରାରୋପଣ, ହନୁମାନ ଚାଳିସା ପଠନ, ପ୍ରାତଃ ସମୟରେ ସୂର୍ଯ୍ୟପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ବ୍ରାହ୍ମଣ ସମାଜ ଦ୍ୱାରା ଅନୁଷ୍ଠିତ ହୋଇଥିଲା। କର୍ତା ଭାବେ ବିଜୟ କୁମାର ପୃଷ୍ଟି, କର୍ମାଚାର୍ଯ୍ୟ ଭାବେ ଗୋବର୍ଦ୍ଧନ ଷଡଙ୍ଗୀ ଓ ବ୍ୟାସ ଭାବେ ପୁରୀ ପିଠାଧିଶ ସନ୍ୟାସୀ ଦୟାରାମଜୀ ମହାରାଜ ଦାୟୀତ୍ୱ ତୁଲାଇଥିଲେ। ୯ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି ଉତ୍ସବ ସହ ଶେଷ ହେବ ବୋଲି ଖଳିସାହି ଗ୍ରାମବାସୀଙ୍କ ସୁତ୍ରରୁ ଜଣାପଡ଼ିଛି।



## ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଅଭ୍ୟାସ

ଖଣ୍ଡପଡା, ୨୧।୧ (ନି.ପ୍ର) : ସ୍ଥାନୀୟ ମଧୁବନ ମିନିଷ୍ଟାଡ଼ିୟମ୍ ପରିସରରେ ତହସିଲସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ କ୍ରୀଡ଼ାଙ୍ଗନରେ ଏବେ ପ୍ୟାରେଡ୍ ଅଭ୍ୟାସ କରୁଥିବା ଜଣାପଡ଼ିଛି। କ୍ରୀଡ଼ାଶିକ୍ଷୟତ୍ରୀ ସଂଜୁବାଳା ନାଥ, ସ୍କାଉଟ୍ ଶିକ୍ଷକ ପ୍ରତାପ କୁମାର ବେହେରା, ଧନ୍ଦାମୂଳକ ଶିକ୍ଷକ ବିଶ୍ୱମ୍ଭର ପ୍ରଧାନ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପ୍ୟାରେଡ୍ ଅଭ୍ୟାସ କରୁଥିବା ଜଣାପଡ଼ିଛି।



# ଆମ୍ବନାଳ ସେତୁର ସୁରକ୍ଷା ପ୍ରାଚୀର ପ୍ରତି ପ୍ରଶାସନର ଦୃଷ୍ଟି ପଡୁ

ଖଣ୍ଡପଡା, ୨୧।୧ (ନି.ପ୍ର) ଖଣ୍ଡପଡାରୁ ଭାପୁରକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ ଆମ୍ବନାଳ ସେତୁର ବାହ୍ୟ ପ୍ରାଚୀରର କିଛି ଅଂଶ ଭାଙ୍ଗି ତଳେ ଖସି ପଡିଛି। ଏହାର ଆନୁସଙ୍ଗିକ ମରାମତି ଦିଗରେ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେତୁର ସୁରକ୍ଷା ପ୍ରାଚୀର ଭାଙ୍ଗିଯିବା ଘଟଣାକୁ ନେଇ ଖଣ୍ଡପଡା ଅଂଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ ସେତୁଟିର ରକ୍ଷଣାବେକ୍ଷଣ ପ୍ରତି ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନଥିବାରୁ ସେତୁଟି ସମୟାନୁକ୍ରମେ ଦୁର୍ବଳ ହେବାରେ ଲାଗିଛି। ଯୁଦ୍ଧକାଳୀନ ଭିତିରେ ଭାଙ୍ଗି ଯାଇଥିବା ସେତୁର ସୁରକ୍ଷା ପ୍ରାଚୀରର ମରାମତି ନିମନ୍ତେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କ ସହ ଯୋଗାଯୋଗ କରିବାରେ ଖୁବ ଶିଘ୍ର ସେତୁର ସୁରକ୍ଷା ପ୍ରାଚୀର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।



# ଶାରଦା ସଙ୍ଗୀତ ଏକାଡେମୀ ବାର୍ଷିକ ଉତ୍ସବ
## ସଙ୍ଗୀତ ହେଉଛି ଜୀବନ ଯନ୍ତ୍ରଣାର ମହୋଷଧି

ଭୁବନେଶ୍ୱର, ୨୧।୧ (ନି.ପ୍ର) : ସଙ୍ଗୀତ ହେଉଛି ଜୀବନ ଯନ୍ତ୍ରଣାର ମହୋଷଧି। ଅଶାନ୍ତ ହୃଦୟକୁ ଶାନ୍ତ କରିବାର ଅମୋଘ ଅସ୍ତ୍ର ଆଉ ଜନ ଜାଗରଣର ମହାମନ୍ତ୍ର ବୋଲି ଓଡ଼ିଶାର ଖ୍ୟାତନାମା ନାଟ୍ୟକାର ଓ ବିଶିଷ୍ଟ ସାହିତ୍ୟିକ ଇଂ ଯାମିନୀ କାନ୍ତ ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶାରଦା ସଙ୍ଗୀତ ଏକାଡ଼େମୀର ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଥିଲେ। ଏକାଡ଼େମୀର ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ, ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶାରଦା ସଙ୍ଗୀତ ଏକାଡ଼େମୀର ସମ୍ପାଦିକା ଚିରସ୍ମିତା ରଥ ଏକାଡ଼େମୀର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗାଳ୍ପିକା ଡକ୍ଟର ସୁଚନା ପାଢ଼ୀ ବରିଷ୍ଠ ଗାଳ୍ପିକା, ପ୍ରାବନ୍ଧିକା, କବି ଡକ୍ଟର ବିଧୁପ୍ରଭା ରଥ, ସ୍ମୃତିଲିପିର ସମ୍ପାଦକ ଭୂବନ ମୋହନ ମହାନ୍ତି, ବରିଷ୍ଠ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ, ଗୀତିକାର, କଣ୍ଠଶିଳ୍ପୀ, ଗୁରୁ, ପ୍ରଦୀପ କୁମାର ନାୟକ, ବରିଷ୍ଠ ତବଲାବାଦକ ସଚ୍ଚିଦାନନ୍ଦ ବେହେରା, ଅନ୍ୟଦୃଷ୍ଟି ପତ୍ରିକାର ସମ୍ପାଦକ ସୋମନାଥ ବେହେରା ପ୍ରମୂଖ ଯୋଗଦେଇ କଳା ସଙ୍ଗୀତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଜନସାଧାରଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ସଙ୍ଗୀତଗୁରୁ ପ୍ରଦୀପ କୁମାର ନାୟକ ଓ ତବଲା ବାଦକ ସଚ୍ଚିଦାନନ୍ଦ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତ ଶିଳ୍ପୀ ଗୁରୁ ପ୍ରଦୀପ କୁମାର ନାୟକ ଓ ଚିରସ୍ମିତା ରଥଙ୍କ ପରିଚାଳନାରେ ଅନୁଷ୍ଠିତ ସଙ୍ଗୀତ ସନ୍ଧ୍ୟାରେ ଡାକ୍ତର ସୁବ୍ରତ କୁମାର ଦାସ, ବିଷ୍ଣୁପ୍ରୀୟା ଦାସ, ଗୋପାଳ କୃଷ୍ଣ ବେହେରା, ନିତ୍ୟଶ୍ରୀ ବେହେରା, ଦେବାଶିଷ ନନ୍ଦ, ଐଶ୍ୱରୀଆ ନନ୍ଦ, ବିଷ୍ଣୁପ୍ରୀୟା ମହାପାତ୍ର, ଜ୍ୟୋସ୍ନାରାଣୀ ବେହେରା, ଆଇସ୍ମିତା ଗୌଡ଼, ସାଗର ମଲ୍ଲ, ଅଂଶୁମାନ ଗୌଡ଼, ମିଷ୍ଟର କାମା, ଅମିନ କୁମାର, ମିଷ୍ଟର ରାବଣା, ଟୁକୁବାବୁ ପ୍ରମୂଖ କଣ୍ଠଶିଳ୍ପୀ ଓ ଯନ୍ତ୍ର ସଙ୍ଗୀତ ଶିଳ୍ପୀମାନେ ଅଂଶ ଗ୍ରହଣ କରିଥିଲେ।



# ବଲଙ୍ଗାଠାରେ ଧାନ ମଣ୍ଡିର ଶୁଭାରମ୍ଭ

ବଲଙ୍ଗା, ୨୧।୧ (ନି.ପ୍ର) : ବଲଙ୍ଗା ସେବା ସମବାୟ ସମିତି ପରିସରରେ ଆଜି ସରକାରୀ ଧାନ ମଣ୍ଡି ଶୁଭାରମ୍ଭ କରାଯାଇ ୧୭ ଜଣ ଚାଷୀଙ୍କ ଠାରୁ ୪୫୦ କ୍ୱିଂଟାଲ ଧାନ କ୍ରୟ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବଲଙ୍ଗା ସରପଞ୍ଚ ଶ୍ରୀମତୀ ଅଞ୍ଜଳୀ ପ୍ରଧାନ, ଯୁବ ନେତା ସୁକାନ୍ତ ପ୍ରଧାନ, ଅଜିତଚାନ୍ଦ ଦାଶ, ବଲଙ୍ଗା ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ନାଥ ଦାସ, ଭି:ଏଲ୍ ଡବ୍ଲ୍ୟୁ ଶୁଭକାନ୍ତ ମହାନ୍ତି, ଜ୍ୟୋର୍ତିମୟୀପୃଷ୍ଟି, ଲକ୍ଷ୍ମୀଧର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦନପୁର ମିଲର କେ.ସି ରାଇସ୍ ମିଲ୍ ଧାନ କ୍ରୟ କରିଥିଲେ। ତେବେ ମଣ୍ଡିରେ ଧାନ କିଣାର ଅୟୋମାରମ୍ଭରୁ କଟ୍‌ନୀ ଛଟନୀ କରାଯାଇଥିଲା ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏପରିକି ଯେଉଁ ଚାଷୀ ମାନଙ୍କର ଧାନବସ୍ତା ଓଜନରେ ୭୦କେଜି ୮୦୦ଗ୍ରାମ ହୋଇଛି ହିସାବରେ ତାହାକୁ ୭୦ କେଜି କୁହାଯାଇ ଅବଶିଷ୍ଟ ୮୦୦ ଗ୍ରାମ ଧାନକୁ ହିସାବକୁ ମଧ ନିଆଯାଉନଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସବୁଠୁ ବଡ କଥା ହେଲା କଟନୀ ଛଟନୀକୁ ସରକାର ସମ୍ପୁର୍ଣ୍ଣ ବେଆଇନ୍ ଘୋଷଣା କରିଥିବା ବେଳେ ମିଲର୍ କାଳେ ଧାନ ନ ନେବ ସେଥିପାଇଁ ଚାଷୀମାନେ ମୁଁହ ଖୋଲିବାକୁ ଭୟ କରୁଛନ୍ତି।




# ରାଘବାନନ୍ଦ ଚକ୍ଷୁ ଚିକସ୍ତାଳୟ ସ୍ଥାନାନ୍ତରକୁ ବିରୋଧ
## ସ୍ଥାନାନ୍ତର ହେଲେ ଆଗକୁ ଜନ ଆନ୍ଦୋଳନ

ଭଦ୍ରକ ୨୧/୧ (ନି.ପ୍ର) : ଭଦ୍ରକର ବାଇପାସ ଠାରେ ଅବସ୍ଥିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ ସ୍ଥାନାନ୍ତରକୁ ବିରୋଧ କରିଛନ୍ତି ଭଦ୍ରକ ବରିଷ୍ଠ ନାଗରିକ, ବାଇପାସ ଦୁର୍ଗାପୂଜା କମିଟି, ବ୍ୟବସାୟୀ ସଂଘ, ଟ୍ରେକର ସଂଘ, ଟେମ୍ପୁ ଓ କାର ମାଲିକ ସଂଘ ଏବଂ ସ୍ଥାନୀୟ ବାସିନ୍ଦା। ପ୍ରକାଶ ଯେ ଆଜକୁ ୬୪ ବର୍ଷ ପୂର୍ବେ ଡ. ଦେବେନ୍ଦ୍ର ଦାସ ଭଦ୍ରକ ବାଇପାସ୍ ଠାରେ ୨୬ ଡିସିମିଲ ଜମି କ୍ରୟ କରିଥିଲେ। ତାଙ୍କ ବାପାଙ୍କ (ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ) ନାମରେ ଏକ ଆଖି ଡାକ୍ତରଖାନା ଜାଗାରେ ପ୍ରତିଷ୍ଠା କଲେ। ୧୯୯୫ ମସିହାରେ ଡାକ୍ତରଖାନାଟିକୁ ସମ୍ପୂର୍ଣ୍ଣ ଜାଗା, ଘର ଓ ଡାକ୍ତରଖାନାରେ ବ୍ୟବହୃତ ହେଉଥିବା ସରଞ୍ଜାମ ସବୁକୁ ଦାନ ସୂତ୍ରରେ ଓଡ଼ିଶା ସରକାରଙ୍କ ନାମରେ ନାମିତ କରିଦେଲେ। ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସେହି ସମୟରେ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁସ୍ତାକ ଅହମ୍ମଦ ମହୋଦୟଙ୍କ ତତ୍ତ୍ୱାବଧାନରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ସି.ଡି.ଏମ୍.ଓ. ଦାୟିତ୍ୱରେ ଥିବା ରେଜିଷ୍ଟ୍ରେସନ୍ ଅଫିସରେ ଓକିଲ ସୂର୍ଯ୍ୟ ନାରାୟଣ ଧଳ ତତ୍ତ୍ୱାବଧାନରେ ବାପା ସେହି ଡାକ୍ତରଖାନାକୁ ଦାନ ସୂତ୍ରରେ ଓଡ଼ିଶା ସରକାରଙ୍କ ନାମରେ ରେଜିଷ୍ଟ୍ରେସନ କରାଇଲେ। ସେହିଦିନ ଠାରୁ ଅଦ୍ୟାବିଧ ୩୦ ବର୍ଷ ହେଲା ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟଟି ରାଘବାନନ୍ଦ ସରକାରୀ ଚକ୍ଷୁ ଚିକିତ୍ସାଳୟ ନାମରେ ନାମିତ ହେଲା। ସମୟ ବଦଳିବା ସହିତ ଭଦ୍ରକ ସହର ଉପକଣ୍ଠରେ ଗଢ଼ି ଉଠିଥିବା ଏହି ଡାକ୍ତରଖାନାରେ ମଧ୍ୟ ରୂପରେଖ ବଦଳିବାରେ ଲାଗିଲା। ଧାମରାରୁ ଭଦ୍ରକ, ବାଲେଶ୍ୱରରୁ ଭଦ୍ରକ, ଆନନ୍ଦପୁରରୁ ଭଦ୍ରକ ଓ ଯାଜପୁରରୁ କିଛି ଅଂଶର ଲୋକମାନେ ଏହି ଡାକ୍ତରଖାନା ଉପରେ ଶତପ୍ରତିଶତ ନିର୍ଭର କରି ତାଙ୍କର ଚିକିତ୍ସା ବର୍ତମାନ କରାଉଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଡା. ଦେବେନ୍ଦ୍ର ଦାସ ଯେଉଁ ସ୍ୱପ୍ନ ଦେଖି ନିଜର କୋଟି କୋଟି ଟଙ୍କାର ସଂପତିକୁ ଓଡ଼ିଶା ସରକାରଙ୍କୁ ଦାନ ସୂତ୍ରରେ ଦେଇଥିଲେ, ତାହା ଆଜି କେତେକ ନ୍ୟସ୍ତସ୍ୱାର୍ଥ ଲୋକଙ୍କ ପାଇଁ ଭଣ୍ଡୁର ହେବା ପାଇଁ ଯାଉଅଛି। ଆମ୍ଭେ ଜାଣିବାକୁ ପାଇଲୁ ଯେ ଆମ୍ଭର ଉକ୍ତ ଜାଗାରେ ଯେଉଁ ଚକ୍ଷୁ ଚିକିତ୍ସାଳୟଟି ଅଛି ତାହା ଭଦ୍ରକରୁ ୫ କି.ମି ଦୂର ଗେଲପୁର ଠାରେ ଉଠାଇ ନେବାକୁ ମସୁଧା କରିଛନ୍ତି। ବର୍ତ୍ତମାନ ଯେଉଁ ଜାଗାରେ ଅଛି ତାହା ସହରର ମଧ ଭାଗରେ ଅବସ୍ଥିତ ଅଛି। ଯାହାବି ଲୋକମାନେ ବସ୍, ଟ୍ରେନ୍ ଯୋଗେ ଆସି ବିନା ହଇରାଣରେ ଖୁବ୍ କମ୍ ସମୟରେ (୫/୧୦ଙ୍କା) ବିନିମୟରେ ଏଠାରେ ପହଂଚି ଚିକିତ୍ସା ହୋଇ ଫେରୁଛନ୍ତି। କିନ୍ତୁ ଏହା ଗେଲପୁରକୁ ଉଠିଯିବାର ବ୍ୟବସ୍ଥା ହେଉଛି, ସେଠାକୁ ଯିବା ପାଇଁ ନା ବସ୍ ଅଛି, ନା କୌଣସି ମାଧ୍ୟମ ଅଛି। ଗରୀବ ଲୋକଟିଏ ସେ ଜାଗାକୁ ଯିବା ପାଇଁ ହେଲେ ଗାଡ଼ି ଭଡ଼ା ବାବଦରେ ତାର ପାରିଶ୍ରମିକକୁ ଖର୍ଚ୍ଚ କରିବାକୁ ପଡ଼ିବ। ଡାକ୍ତରଖାନା ବନ୍ଦ ହେବା ପାଇଁ ତାହା ସାମାଜିକ ଲୋକଙ୍କ ପରିଣତ ହୋଇଯାଉଛି। ଯଦି ବର୍ତ୍ତମାନ ଓଡ଼ିଶା ସରକାର ଅତ୍ୟାଧୁନିକ ବ୍ୟବସ୍ଥାରେ ଚକ୍ଷୁ ଚିକିତ୍ସାଳୟ କରିବା ପାଇଁ ଚାହୁଁଛନ୍ତି, ତାହେଲେ ସେହି ଜାଗାରେ ତ ବହୁତ ପ୍ରକାର ସୁବିଧା ସୁଯୋଗ ଅଛି। ସେହି ଚିକିତ୍ସାଳୟକୁ ନୂଆ ଭାବରେ ମଡିଫିକେସନ୍ କରାଗଲେ ଲୋକମାନେ ଆହୁରି ଅଧିକ ଉପକୃତ ହୁଅନ୍ତେ। ତେଣୁ ଆମ୍ଭର ଇଛା ଓଡ଼ିଶା ସରକାର ଡାକ୍ତରଖାନାଟିକୁ ସ୍ଥାନାନ୍ତରିତ ନକରି ସେହି ଜାଗାରେ ଆଉ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବାର ବନ୍ଦୋବସ୍ତ କଲେ, ଭଦ୍ରକ ୧୦୦ କି.ମିର ଲୋକମାନେ ବହୁତ ଉପକୃତ ହୁଅନ୍ତେ। ଯଦି ସରକାର ସେହି ଜାଗାରୁ ଉକ୍ତ ଚିକିତ୍ସାଳୟଟିକୁ ସ୍ଥାନାନ୍ତରିତ କରନ୍ତି ତାହା ହେଲେ ଏଠାରେ ଜନ ଅସନ୍ତୋଷର ପରିବେଶ ସୃଷ୍ଟି ହେବ ବୋଲି ଆଜି ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ ସଭାପତି ମାନସ କୁମାର ମହାନ୍ତି, ଦୁର୍ଗପୁଜା କମିଟି ସଭାପତି ଗୋପାଳ ନାୟକ, ବରିଷ୍ଠ ନାଗରିକ ପ୍ରଦୀପ କୁମାର ବଳ, ରମେଶ ଚନ୍ଦ୍ର ସ୍ୱାଇଁ, ବ୍ୟବସାୟ ସଂଘ ପକ୍ଷରୁ ବୈରାଗୀ ଗାହଣ, ନବଘନ ଦାସ, ପ୍ରମୋଦ ସାହୁ ପ୍ରମୁଖ କହିଛନ୍ତି।



